ସେବା ପରି ଦିବ୍ୟ କର୍ମର ପରିପ୍ରକାଶ ନିଜ ପରିବାର ଠାରୁ ଆରମ୍ଭ ହୋଇଥାଏ । ଯାହା ଫଳରେ ପରିବାରର ପ୍ରତ୍ୟେକ ସଦସ୍ୟ ପ୍ରେମ ପୂର୍ଣ୍ଣ ବସ ବାସ । ପ୍ରତ୍ୟେକ ପରସ୍ପରକୁ ସାହାଯ୍ୟ କରିବା ମନ ବୃତ୍ତି ହିଁ ସମାଜ ଦେଶ ତଥା ସମଗ୍ର ବିଶ୍ୱର ସେବା କରିବା ପାଇଁ ପ୍ରେରଣା ଯୋଗାଇଥାଏ । "ବୈକୁଣ୍ଠ ସମାନ ଆହା ଅଟେ ସେହି ଘର ପରସ୍ପର ସେବା ପ୍ରେମ ଥାଏ ନିରନ୍ତର ।" ସତ୍ୟସାଇ ବାବା କହନ୍ତି ଅନ୍ୟର ସେବା କରିବା ପୂର୍ବରୁ ନିଜେ ନିଜର ସେବକ ହେବା ଦରକାର । ଯିଏ ଭଲ କିଙ୍କର ହୋଇପାରେ ସେ ଦିନେ ଶଙ୍କର ହେବାର ସୌଭାଗ୍ୟ ପାଇଥାଏ । ମାନସିକ ଉତ୍ତେଜନାର ସଦା ବର୍ଦ୍ଧିଷ୍ଣୁ ବଳୟ ଗୁଡ଼ିକୁ ଦୂର କରିବା ପାଇଁ ଏବଂ ଚିତ୍ତ ଶୁଦ୍ଧ ପାଇଁ ଆହୁରି ମଧ୍ୟ ଅଟଳ ଭଗବତ ବିଶ୍ୱାସ ବଢ଼ାଇବା ପାଇଁ ସେବା ହେଉଛି ଏକ ମାତ୍ର ମାଧ୍ୟମ ଯିଏ ଉତ୍ତମ ସେବକ ହୋଇଥାଏ  ସେ ଦିନେ ନାୟକ ହେବାର ଯୋଗ୍ୟତା ପାଏ । ସେବା ଭାବ ଏକ ଦୈବୀ ଗୁଣ । ଏହା ଜୀବନକୁ ସାର୍ଥକ କରେ । ସେବା ଏକ ଉପାସନା, ପ୍ରତ୍ୟେକ ସେବା ଈଶ୍ୱରଙ୍କ ପାଇଁ ନୈବେଦ୍ୟ ହୋଇଯାଏ । ସେବା ଠାରୁ ବଡ଼ ତପସ୍ୟା ଆଉ କିଛି ନାହିଁ । ଜୀବନର ଅନ୍ୟ ନାମ ସତ୍ୟାନୁସନ୍ଧାନ । ସେବା କାର୍ଯ୍ୟ ସେଥିପାଇଁ ଶ୍ରେଷ୍ଠ ଉପାୟ । ସେବା କର୍ମରେ ଲିପ୍ତ ହେଉ ନ ଥିବା ଜୀବନ ଏକ ଆଲୋକ ବିହୀନ ଗୃହ ସମାନ । ଠିକ୍ ଯେପରି ଭଗବାନଙ୍କ ଗୁଣ ଗାନ କରା ଯାଉ ନ ଥିବା ଗୃହ ଏକ ଗୁମ୍ଫା ସଦୃଶ । ସତ୍ୟ ସାଇ ବାବା କହନ୍ତି ସବୁ ବେଳେ ସେବା ପାଇଁ ଉତ୍କଣ୍ଠା ସହ ଅନାଇ ରହିଥାଅ । ତାର ସାମାନ୍ୟ ସଙ୍କେତ ପାଇଲା ମାତ୍ରେ ଯେଉଁଠାରେ ଯେଉଁ ପରିସ୍ଥିତିରେ ଥାଅ ପଛକେ ତୁମେ ଶକ୍ତି ଓ ଦକ୍ଷତା ମୁତାବକ ସେବା କରିବା ପାଇଁ ବ୍ୟାକୁଳ ହୋଇ ଉଠ । ସେବାର ପରିସୀମାକୁ ବିଚାର ନ କରି ଯେ କୌଣସି ପ୍ରକାର ସେବା ପାଇଁ ଶକ୍ତି ଦେବା ପାଇଁ ପ୍ରଭୁଙ୍କ ପାଖରେ ପ୍ରାର୍ଥନା କର ।

ଭଗବାନ ତୁମକୁ ଏ ସୁଯୋଗ ଦେଇଛନ୍ତି ବୋଲି ଅନୁଭବ କର । ତାହା ହିଁ ମାନବ ସାଧନାର ମାନଦଣ୍ଡ । ଯାହା ଫଳରେ ପ୍ରକୃତ ମଣିଷ ପଣିଆ ପ୍ରକଟିତ ହୁଏ । ସେବା କାର୍ଯ୍ୟ କ୍ଷୁଦ୍ର ହୋଇପାରେ କିନ୍ତୁ ଯେଉଁ ହୃଦୟରେ ଏହା ସଂପାଦିତ ହେବ ତାହା ବିଶାଳ ଓ ନିର୍ମଳ ହେବା ଦରକାର । ସେବା କାର୍ଯ୍ୟ ସଂପାଦନ ପାଇଁ ଚିନ୍ତା ଓ ହୃଦୟରେ ପବିତ୍ରତା ରହିବା ଦରକାର । ମନୁଷ୍ୟର ଅଙ୍ଗ ପ୍ରତ୍ୟଙ୍ଗ କେବଳ ଅନ୍ୟ ମାନଙ୍କ ସେବା କରିବା ପାଇଁ ଭଗବାନ ଦେଇଛନ୍ତି । ମାନବର ସେବା କରିବା ଦ୍ୱାରା ମାଧବଙ୍କ ସେବା ହୋଇଥାଏ । କାରଣ ଈଶ୍ୱରଙ୍କ ସେବା ଅପେକ୍ଷା ମଣିଷର ସେବା ଅଧିକ ମୂଲ୍ୟବାନ । ଭଗବାନ କାହାରି ସେବା ଚାହାନ୍ତି ନାହିଁ । ପ୍ରତ୍ୟେକ ପ୍ରାଣୀ ଭିତରେ ବିଦ୍ୟମାନ ହୋଇଥିବା ଈଶ୍ୱର ସେହି ପ୍ରାଣୀକୁ ସେବା କରିବା ମାଧ୍ୟମରେ ପାଇଥାନ୍ତି । ଅନ୍ୟର ସେବା କରି ସମାଜର ଋଣ ପରିଶୋଧ କରିବା ଉଚିତ । ମଣିଷର ଦୁଃଖ, ଦୁର୍ଦ୍ଦଶା, ରୋଗ, ଶୋକ ଦେଖି ଯଦି ତୁମ ହୃଦୟ ବିଚଳିତ ନ ହେଲା ତେବେ ଭଗବାନଙ୍କ ସେବା ପାଇଁ ଯୋଗ୍ୟତା ରହିଲା କେଉଁଠି ? ମଣିଷର ସେବା କରିବା ମାଧ୍ୟମରେ ଈଶ୍ୱରଙ୍କ ସେବା କରିବା ପାଇଁ ନିଜକୁ ତାଲିମ ଦିଅ । ମାନବ ପାଖରେ ଥିବା ସମସ୍ତ ପ୍ରତିଭା ମାନବ ସମାଜର ସେବା ଦିଗରେ ବିନିଯୋଗ ହେବା ଦରକାର । ପ୍ରତ୍ୟେକ ମାନବର ଲକ୍ଷ୍ୟ ହେଉଛି ସେବାରେ ନିଜକୁ ନିୟୋଜିତ କରିବା । ଏଥିରେ ଯଦି ହେଳା କରାଯାଏ ତେବେ ମାନବ ଜୀବନ ବ୍ୟର୍ଥ ହୋଇଯିବ ।

ମାନବ ଜାତିର ମୌଳିକ ଏକତା ଉପରେ ଆମ ଦେଶ ଗୁରୁତ୍ୱ ଦେଇ ଆସିଛି ଏହି ସତ୍ୟ ସାକାର ହେବ କେବଳ ଉତ୍ସର୍ଗିକୃତ ସେବା ମାଧ୍ୟମରେ । ଭଗବତ ସ୍ପର୍ଶ ପାଇବାକୁ ହେଲେ ନିଜର ଆଖି ଖୋଲିବାକୁ ହେବ । ପଡୋଶୀ, ପ୍ରିୟଜନମାନଙ୍କର ସେବା କରିବାକୁ ହେବ । ସେହି ମାନେ ହିଁ ଈଶ୍ୱରଙ୍କ ସାକାର ପ୍ରତିମୂର୍ତ୍ତି । ମାନବକୁ ମିଳିଥିବା ଦିବ୍ୟ ଶକ୍ତି କେବଳ ନିଜ ପାଖରେ ରହିଗଲେ ହେବ ନାହିଁ । ତାର ପ୍ରତ୍ୟେକଟି ଅଣୁ ସମାଜ ସେବାରେ ଲାଗିବା ଉଚିତ । ଦେହର କ୍ଷତକୁ ଭଲ କରିବା ପାଇଁ ତା ଉପରେ ପଟି ବାନ୍ଧିବା ଓ ମଲମ ଲଗାଇବା ସହିତ ଔଷଧ ଖାଇବାକୁ ପଡିଥାଏ । ଠିକ୍ ସେହି ପରି ଆମର ପରିବର୍ତ୍ତନ ପାଇଁ ଅଭ୍ୟାସ ଦରକାର ଓ ସମାଜର ପରିବର୍ତ୍ତନ ପାଇଁ ସେବା ଦରକାର । ସମାଜ ଆମକୁ ସମସ୍ତ ପ୍ରକାର ସୁଖ ସୁବିଧା ଜୀବନ ଯାପନର ଉତ୍ତମ ପରିବେଶ ଯୋଗାଇ ଆସିଛି ।

ବର୍ତ୍ତମାନ ଘୋର କଳି ଯୁଗରେ ପ୍ରତି କ୍ଷେତ୍ରରେ ଏପରି ବିଶୃଙ୍ଖଳା, ଅନ୍ୟାୟ, ଅଧର୍ମ ବଢି ଚାଲିଛି ଯେ ମଣିଷ ମଣିଷକୁ ବିଶ୍ୱାସ କରି ପାରୁ ନାହିଁ । ତାର ପ୍ରଧାନ କାରଣ ହେଉଛି ମାନବ ଅନ୍ତରରୁ ପ୍ରେମ ଓ ବିଶ୍ୱାସ ଲୋପ ପାଇ ଯାଉଛି ଏବଂ ତାର ପ୍ରଭାବରେ ସେବା ଠାରୁ ଦୁରେଇ ଯାଇ ସ୍ୱାର୍ଥପରତା, ହିଂସା, ଦ୍ୱେଷ ପରି ଦୁର୍ଗୁଣମାନ ବୃଦ୍ଧି ପାଇବାରେ ଲାଗିଛି । ଆଜି କାଲି ପ୍ରତି କ୍ଷେତ୍ରରେ ରାଜନୈତିକ, ସାମାଜିକ ଏପରି ପାରିବାରିକ କ୍ଷେତ୍ରରେ ସେବା ଭାବ ପରିବର୍ତ୍ତେ ହିଂସା ପରି ବର୍ବରତା ବ୍ୟାପିବାରେ ଲାଗିଛି । ଯାହା ଫଳରେ ପୃଥିବୀର ପ୍ରତ୍ୟେକ କ୍ଷେତ୍ରରେ ଏକ ହାହାକାରର ବହ୍ନି ଜଳି ସମଗ୍ର ବିଶ୍ୱକୁ ଏକ ଭୟ ଓ ସନ୍ଦେହର କୁହେଳିକା ମଧ୍ୟମରେ ଘୋଡାଇ ପକାଉଛି ।

ଯୁବ ସମାଜ ଯେଉଁ ମାନେ ଆଗାମୀ ଦିନର ଦେଶ ଜାତି ତଥା ସମଗ୍ର ବିଶ୍ୱର କର୍ଣ୍ଣଧାର ହେବେ ସେମାନେ ଉଚ୍ଚ ଶିକ୍ଷା ପାଇ ସାରିଲା ପରେ ନିଜର ସ୍ୱାର୍ଥ ସାଧନ ପାଇଁ ଅର୍ଥ ଲୋଭରେ ଅବହେଳିତ ନିକ୍ଷେପିତ ନିଜର ମାତୃଭୂମିକୁ ପରିତ୍ୟାଗ କରି ବିଦେଶକୁ ପଳାଇ ଯାଇ କ୍ରୀତଦାସ ସାଜୁଛନ୍ତି । ନିଜର ମାତାର ଦୈନ୍ୟତା ଅବସ୍ଥାକୁ ଭାବି ସେବା କରିବା ପରିବର୍ତ୍ତେ ବିଦେଶୀ ଚାକଚକ୍ୟକୁ ଅନୁଶରଣ କରି ତାର କ୍ରୀତଦାସ ହେଉଛନ୍ତି । ଏପରି ସନ୍ତାନମାନଙ୍କୁ କୁଳାଙ୍ଗାର ପୁତ୍ର ବ୍ୟତୀତ ଆଉ କଣ କୁହାଯାଇପାରେ ? ନିଜର ମାତା ତାର ସନ୍ତାନମାନଙ୍କ ସହିତ ଭୋକ ଉପାସ, ରୋଗ ବ୍ୟାଧି ଯନ୍ତ୍ରଣା ଭୋଗୁଥିବା ବେଳେ ସେହି ମାତା କୋଳରେ ଜନ୍ମି ଖେଳି କୁଦି ପାଠ ପଢି ବଡ ହୋଇ ତାର ଯେତେବେଳେ ସେବା ଦରକାର ଠିକ୍ ସେହି ସମୟରେ ତାକୁ ପରିତ୍ୟାଗ କରି ବିଦେଶ ପଳାଇଯିବା କେତେ ଜଘନ୍ୟ ଅପରାଧ ତାହା ପ୍ରତ୍ୟେକ ଶିକ୍ଷିତ ସମାଜ ଉପଲବ୍ଧି କରିବା ଉଚିତ ।

ଆଜି ସମଗ୍ର ବିଶ୍ୱରେ ଖାଦ୍ୟ ଓ ପାନୀୟ ଜଳର ଯେପରି ଉତ୍କଟ ଅଭାବ ପରିଲକ୍ଷିତ ହେଲାଣି ବିଶେଷ କରି ଋଷିଆ, ଆମେରିକା ପରି ଧନଶାଳୀ ଦେଶମାନଙ୍କରେ ଖାଦ୍ୟର ଅଭାବ ଉତ୍କଟ ରୂପ ଧାରଣ କରିଥିବା ବେଳେ ସେ ବିଷୟକୁ ବୁଦ୍ଧିଜୀବୀମାନେ ଚିନ୍ତା କରି ତାର ସମାଧାନର ବାଟ ପାଇ ପାରୁ ନାହାନ୍ତି । ଆଜି ଭାରତ ବର୍ଷର ଖାଦ୍ୟ ସମସ୍ୟା ଏତେ ଉତ୍କଟ ହୋଇଛି ଯେ ପ୍ରତ୍ୟେକ ଦିନ ଖାଦ୍ୟ ଅଭାବରୁ ଲୋକମାନେ ପୋକ ମାଛି ପରି ମୃତ୍ୟୁବରଣ କରୁଛନ୍ତି । ଅଥଚ ଅନେକ କ୍ଷେତ୍ରରେ ସୁବିଧାବାଦି  ଗୋଷ୍ଠୀ ଓ ଧନୀ ବ୍ୟକ୍ତିମାନେ ବେପରୁଆ ଭାବରେ ଖାଦ୍ୟ, ଜଳ, ବିଦ୍ୟୁତ ଓ ପ୍ରାକୃତିକ ସଂପତ୍ତିର ଅପଚୟ କରି ଗର୍ବିତ ଅନୁଭବ କରୁଛନ୍ତି । ଏହା ଅତ୍ୟନ୍ତ ଅମାନୁଷିକ କାର୍ଯ୍ୟ ।

ଏହିପରି ଏକ ସନ୍ଧିସନ୍ଧି ମୁହୂର୍ତ୍ତରେ ଭଗବାନ ସତ୍ୟସାଇ ବାବା ଖାଦ୍ୟ, ଜଳ, ବିଦ୍ୟୁତ ତଥା ସମସ୍ତ ପ୍ରକାର ପ୍ରାକୃତିକ ସଂପଦର ସୁରକ୍ଷା କରି ଏ ବିଶ୍ୱକୁ ଘୋର ଦୁର୍ଗତିରୁ ରକ୍ଷା କରିବା ପାଇଁ ଆହ୍ୱାନ ଦେଉଛନ୍ତି । ଅନ୍ନଂ ବ୍ରହ୍ମଃ ତାର ଅପଚୟ କରିବା ମହାପାପ ସେ କହନ୍ତି ପ୍ରତି ପରିବାର ଜଣେ ଜଣେ ଦରିଦ୍ର, ଅକର୍ମଣ୍ୟ, ପଙ୍ଗୁ ଲୋକକୁ ପୋଷ୍ୟ କରି ନେଇ ନିଜ ପରିବାର ପାଇଁ ରନ୍ଧା ହେଉଥିବା ଖାଦ୍ୟରୁ କିଛି ବଳକା କରି ଖାଇବାକୁ ଦେଲେ ସମଗ୍ର ଭାରତବର୍ଷରୁ ଦାରିଦ୍ର୍ୟ ଦୁର ହୋଇଯିବ । ଯେଉଁ ଦେଶରେ ଯେତେ ଅଧିକ ସଂଖ୍ୟକ ଭିକାରୀ ବାସ କରନ୍ତି । ସେ ଦେଶ ବିଶ୍ୱ ଦରବାରରେ ବିଶେଷ ଭାବରେ ନିନ୍ଦିତ ହୋଇଥାଏ । ବାବା କହନ୍ତି ଯେଉଁ ବ୍ୟକ୍ତି ଅସହାୟ ବ୍ୟକ୍ତିଙ୍କୁ ଖାଦ୍ୟ, ବସ୍ତ୍ର, ଜଳ ଓ ବାସ ଦାନ କରେ ଭଗବାନ ତାର ସମସ୍ତ ଦାୟିତ୍ୱ ଜନ୍ମ ଜନ୍ମାନ୍ତର ପାଇଁ ବହନ କରିଥାନ୍ତି । ସେଥିପାଇଁ ପ୍ରତ୍ୟେକ ପରିବାର ପ୍ରତିଦିନ ନିଜ ଖାଦ୍ୟରୁ ସଞ୍ଚୟ କରି ଦରିଦ୍ରମାନଙ୍କୁ ନାରାୟଣ ମନେ କରି ଖାଇବାକୁ ଦେବା ଏକ ପରମ ଧର୍ମ ବୋଲି ଭାବିବା ଉଚିତ ।

ଭଗବାନ ସତ୍ୟସାଇ ଏହିପରି ସମସ୍ୟାମାନ ଲକ୍ଷ୍ୟ କରି ଆଜି ପାନୀୟ ଜଳ ପାଇଁ ସେ ବିଭିନ୍ନ ପ୍ରକଳ୍ପ ଗଢି ସମାଜର ମଙ୍ଗଳ କରି ଚାଲିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ ପ୍ରତ୍ୟେକ କ୍ଷେତ୍ରରେ ସେ ସମାଜର ମଙ୍ଗଳ ସାଧନ ପାଇଁ ମାଗଣା ଶିକ୍ଷା ଦାନ ଏବଂ ସ୍ୱାସ୍ଥ୍ୟ ସେବା ପାଇଁ ବିଶ୍ୱ ପ୍ରସିଦ୍ଧ ଚିକିତ୍ସାଳୟ ଗଢି ମାନବ ସେବା ହିଁ ମାଧବ ସେବାର ମହାତ୍ମ୍ୟ ପ୍ରତିପାଦନ କରିଛନ୍ତି ।

ଭାରତବର୍ଷ ଏକ ଗ୍ରାମ ବହୁଳ ଏବଂ କୃଷି ପ୍ରଧାନ ଦେଶ ପ୍ରାୟ ସତୁରି ଭାଗ ଲୋକ ଗ୍ରାମରେ ବାସ କରି ସମଗ୍ର ରାଷ୍ଟ୍ରକୁ ଖାଦ୍ୟ ଯୋଗାଇଥାନ୍ତି । କିନ୍ତୁ ସେହି ଗ୍ରାମବାସୀମାନେ ଆଜି ଅତ୍ୟନ୍ତ ଦୁଃଖ ଯନ୍ତ୍ରଣା ମଧ୍ୟ ଦେଇ ସ୍ୱାସ୍ଥ୍ୟ ଓ ଶିକ୍ଷାର ଘୋର ଅଭାବ ଭିତରେ ଗତି କରୁଛନ୍ତି । ସରକାରଙ୍କ ଯୋଜନା ତାଙ୍କ ପାଖରେ ପହଞ୍ଚି ପାରୁ ନାହିଁ । ସେଥିପାଇଁ ଗ୍ରାମ ଗୁଡିକ ହତଶ୍ରୀ ହେବାରେ ଲାଗିଛି । ଗ୍ରାମର ସେହି ଶସ୍ୟଭରା ସବୁଜିମା କ୍ଷେତ ଶାଳବଣ ଯାହିରାର ଠାକୁରାଣୀଶାଳ, ଗ୍ରାମ ଦେବୀ ତଥା ଭାଗବତ ଟୁଙ୍ଗିଗୁଡିକ ଆଜି ଧ୍ୱଂସ ହୋଇ ମରୁଭୂମିରେ ପରିଣତ ହୋଇଗଲାଣି । ଏପରି ପରିସ୍ଥିତିରେ ସେମାନଙ୍କର ଉନ୍ନତି କରିବା ପ୍ରତ୍ୟେକ ମାନବର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ । ଶିକ୍ଷିତ ଯୁବକ ଯୁବତୀମାନେ ସ୍ୱାମୀ ବିବେକାନନ୍ଦଙ୍କ ପରି ଗ୍ରାମ ସେବାକୁ ରାମ ସେବା ଭାବି ଆଗେଇ ଯିବା ଉଚିତ । ଭଗବାନ ସତ୍ୟସାଇ ବାବା ସେହି ଗ୍ରାମ ସେବା ଉପରେ ବିଶେଷ ଗୁରୁତ୍ୱ ଦେଇ ଆଜି ସମଗ୍ର ଭାରତବର୍ଷରେ ଗ୍ରାମ ସେବା ହିଁ ରାମ ସେବାର ଦିବ୍ୟ ଅଭିଯାନ ଚଳାଇଛନ୍ତି । ଗ୍ରାମର ଉନ୍ନତି ବିନା ଦେଶର ଉନ୍ନତି ଅସମ୍ଭବ ।

ଏ ବିଶ୍ୱକୁ ସୁନ୍ଦର, ସରସ ଓ ପ୍ରେମ ପୂର୍ଣ୍ଣ କରିବା ପାଇଁ ପ୍ରତ୍ୟେକ ଅନ୍ୟର ସେବା କରିବା ଦରକାର । ସେବା ଖାଲି ଧନ, ଶକ୍ତି ବଳରେ ଯେ କରାଯାଏ ତାହା ନୁହେଁ ଏହା ମାନସିକ ସ୍ତରରେ ମଧ୍ୟ କରାଯାଇ ପାରିବ । 'ସମସ୍ତ ଲୋକାଃ ସୁଖିନଃ ଭବନ୍ତୁ' ଏପରି ଦିବ୍ୟ ଚିନ୍ତା ବିଶ୍ୱର ମଙ୍ଗଳ କାମନା ପାଇ ବିଶେଷ ସହାୟକ ହୋଇଥାଏ । ସେବା କରିବା ପାଇଁ ସବୁବେଳେ ମନରେ ଦାସାନୁଦାସ ଭାବ ଜାଗ୍ରତ କଲେ ସେବା ଦୈବୀ ପୂର୍ଣ୍ଣ ହୋଇ ବିଶେଷ ଆନନ୍ଦ ଦେଇଥାଏ । ପ୍ରେମ ପୂର୍ଣ୍ଣ ସେବାରେ ମାନବ ନିଜକୁ ସଦା ସର୍ବଦା ନିୟୋଜିତ କରିବା ତାର ଜନ୍ମଗତ ପ୍ରବୃତ୍ତି । ଏହା ଦ୍ୱାରା ଯେଉଁ ଦିବ୍ୟ ଆନନ୍ଦ ମିଳେ ତାହା ସଂସାରରେ ଆଉ କେଉଁ ଠାରେ ମିଳେ ନାହିଁ । ଅନ୍ୟକୁ ପଦେ ଦୟା ପୂର୍ଣ୍ଣ ବଚନ, ଗୋଟିଏ ଛୋଟ ଉପହାର, ଏକ ଉତ୍ତମ ଭଙ୍ଗି, ସହାନୁଭୂତିର ଦୀର୍ଘ ଶ୍ୱାସ,

କରୁଣାର ସଙ୍କେତ, ଦୁର୍ଦ୍ଦଶାଗ୍ରସ୍ତ ହୃଦୟରେ ଯେଉଁ ପୁଲକ ଆଣି ପାରିବ ତାହା ଅବର୍ଣ୍ଣନୀୟ । ଅନ୍ୟ ଜଣକୁ ସାହାଯ୍ୟ କରିବା ପାଇଁ ସକ୍ଷମ ହେବା ବେଳେ ତୁମେ ଈଶ୍ୱରଙ୍କୁ କୃତଜ୍ଞତା ଜ୍ଞାପନ କରିବା ଉଚିତ । କାରଣ ସେ ତୁମକୁ ସୁଯୋଗ ଦେଇଥିବା ତୁମର ଦକ୍ଷତା, ଧନ, ଶକ୍ତି, ସାହସ ବା ପଦବୀ ଦେଇ ଏ ସେବାର ସୌଭାଗ୍ୟ ପ୍ରଦାନ କରିଥାନ୍ତି । ସତ୍ୟସାଇ ବାବା କହନ୍ତି ଦିନ ଦୁଃଖିଙ୍କୁ ସାହାଯ୍ୟ ବା ଦାନ କଲେ ଦାତାର ଭଣ୍ଡାର ସବୁ ବେଳେ ପରିପୂର୍ଣ୍ଣ ହୋଇଯାଏ , କିନ୍ତୁ ଧନକୁ ଲୁଚାଇ ରଖିଲେ ତାହା ଅଜ୍ଞାତରେ ଶୁନ୍ୟ ହୋଇଯାଏ । ସେବା ହିଁ ପ୍ରାଥମିକ ଉପାୟ ଯାହା ହୃଦୟକୁ ନିର୍ମଳ କରି ଦିଏ । ସେବା ମଣିଷର ଅର୍ନ୍ତଃଦୃଷ୍ଟିକୁ ପ୍ରସାରିତ କରିଦିଏ । ସମାଜରେ ପ୍ରଭୁଙ୍କ କୃପାରୁ ଯିଏ ଯେଉଁ ଯୋଗ୍ୟତା ଅର୍ଜନ କରିଛନ୍ତି ସେହି ଶିକ୍ଷା, ଜ୍ଞାନ, ଶକ୍ତି ଅର୍ଥ ବଳ ମାଧ୍ୟମରେ ଅନ୍ୟର ସେବା କରିବା ପ୍ରତି ମୂହୁର୍ତ୍ତରେ ଜାଗ୍ରତ ହେବା ଦରକାର । ଯାହା ବସୁଧୈବ କୁଟୁମ୍ବକଂ ପରି ଦିବ୍ୟ ଆନନ୍ଦ ପ୍ରଦାନ କରିବ ।

ଏ ଦିବ୍ୟ ଜନ୍ମ ଲାଭ କରିଥିବା ମାନବ ଯଦି ତାର ପ୍ରକୃତ ମାର୍ଗ ଖୋଜି ମାଧବ ସ୍ତରକୁ ଉନ୍ନତ ହେବାର ପ୍ରୟାସ କରେ ତେବେ ଏ କଳି ଯୁଗରେ ନିସ୍ୱାର୍ଥପର, ପ୍ରେମପୂର୍ଣ୍ଣ ସେବା ହିଁ ତାର ଜୀବନର ବ୍ରତ ହେବା ଉଚିତ । ସେହି ଦିବ୍ୟ ସେବା ବ୍ରତରେ ନିଜର ଧନ ଜନ ମନ ପ୍ରାଣ ସମର୍ପଣ କରି ପାରିଲେ , ମାନବ ଜନ୍ମ ସାର୍ଥକ ହେବ । ସେହି ଦିବ୍ୟ ଚେତନା ଉତ୍ସାହ ପ୍ରତି ହୃଦୟରେ ପରମେଶ୍ୱର ପ୍ରଜ୍ଜ୍ୱଳିତ କରନ୍ତୁ ଏହା ହିଁ ପ୍ରଭୁଙ୍କ ପାଖରେ ନିବେଦନ । ଶେଷରେ ....

କୋଟି ଜନ୍ମ ପୁଣ୍ୟ ଫଳରେ
ମିଳେ ମାନବ ଜନ୍ମ
ତାହାର ମହତ୍ତ୍ୱ ବଢାଅ
ସାଧି ପବିତ୍ର କର୍ମ ।
ମାନବ ସେବା ହିଁ ମାଧବ
ସେବା ଜୀବନେ ବ୍ରତ
କରିଲେ ପ୍ରଭୁଙ୍କ ଆଶିଷ
ମିଳିଯିବ ନିଶ୍ଚିତ
ସଦା କାୟ, ମନ ବାକ୍ୟରେ
ଆଚର ବିଶ୍ୱ ହିତ
ପ୍ରଭୁ ଅନ୍ତର୍ଯ୍ୟାମୀ, ସର୍ବଜ୍ଞ
ବିଦ୍ୟମାନ ସର୍ବତ୍ର ।

ସାଇ ଚରଣାଶ୍ରୀତ :
ଇଂ. ଶତୀଶ ଚନ୍ଦ୍ର ମହାପାତ୍ର
ମଧୁବନ, ବାରିପଦା, ମୟୁରଭଞ୍ଜ,
ଓଡ଼ିଶା - ୭୫୭୦୦୧.

# ଅରୁ ଅପା

ଭାଗବାନ ଚନ୍ଦ୍ର ରାଉତ

ଅନେକ ଦିନ ପରେ ସେଦିନ ଆମ ଗାଁର ଅଧିକାଂଶ ଲୋକଙ୍କ ହାତରେ ଖଣ୍ଡିଏ ଖଣ୍ଡିଏ ଖବର କାଗଜ ଧରିଥିବାର ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଖବର କାଗଜରେ ପ୍ରକାଶିତ ସଂବାଦକୁ କେନ୍ଦ୍ରକରି ଦଳେ କୂଅ ମୂଳରେ, ଥୋଡ଼େ ରାହାସ ମଣ୍ଡପ ପାଖ ଗଛମୂଳେ ଆଉ ମେଞ୍ଚାଏ ପୋଖରୀ ତୁଠରେ ବସି ପରସ୍ପର ମଧ୍ୟରେ ଆଲୋଚନାରେ ବ୍ୟସ୍ତ । କିଏ କହୁଥାଏ ବାପ କରିଥିବା ବରକୁ ବାହା ନହୋଇ ଅକୁଟାକୁ ବାହାହୋଇ କିଛି ଠିକ୍ କଲାନାହିଁ ଅରୁ । ଏହାଦ୍ୱାରା ବାପା-ମା ମୁହଁରେ କାଳି ବୋଳି ଦେଲାନାହିଁ ଯେ, ଅଜାତିରେ ବାହା ହୋଇ ବ୍ରାହ୍ମଣ କୁଳରେ କଳଙ୍କ ଲଗାଇ ଦେଲା । ଅନ୍ୟମାନେ କହୁଥାନ୍ତି- ଅରୁ ଅକୁକୁ ବାହା ହୋଇ ଠିକ୍ କରିଛି । ଏଇଟା ଆଜିର ଉଚ୍ଛୃଙ୍ଖଳ ଯୁବଗୋଷ୍ଠୀକୁ ଏକ ଶକ୍ତ ଚେତାବନୀ; ଭବିଷ୍ୟତରେ ଏପରି ଅପକର୍ମ କରିବାକୁ ଆଉ କେହି ସାହାସ କରିବେ ନାହିଁ । ଆଜିକାଲି ଜାତି ଅଜାତି ଗୋଟେ କଣ ?

ପ୍ରକାଶିତ ସଂବାଦଟି ଥିଲା- ଅତ୍ୟଧିକ ମଦ୍ୟପାନ କରି ବିବାହ କରିବାକୁ ଆସିଥିବା ଇଞ୍ଜିନିୟର ବରକୁ କନ୍ୟା ପ୍ରତ୍ୟାଖାନ କରି ସେଇ ଗ୍ରାମର ଜଣେ ଯୁବକକୁ ସ୍ୱଇଚ୍ଛାରେ ବିବାହ କଲା । ବର ଶିଶୁପାଳ ହୋଇ ଫେରିଗଲା ।

ସତକଥା କହୁଛି ପ୍ରତିକୂଳ ପରିସ୍ଥିତିରେ ସମ୍ମୁଖୀନ ହୋଇ ଅରୁ ଅପା ଯେ ଶେଷରେ ମୋତେ ବାହା ହେବ ଏକଥା ମୁଁ କଣ କେବେ ଚିନ୍ତା କରିଥିଲି ନା ମୋ ପରିବାର କେବେ ଆଶା କରିଥିଲେ । ଯାହାକୁ କେନ୍ଦ୍ର କରି ଆଜି ଏମିତି ଚହଳ ପଡ଼ିଛି ।

ଅରୁଅପା! ଆମ ଗାଁ ହରି ମିଶ୍ରଙ୍କ ଝିଅ ଅରୁପମା । ସେ ଯେ କେବଳ ମୋର ଅପା ଥିଲା ତାହା ନୁହେଁ, ମୋ ବୟସର ଯେତେ ପୁଅଝିଅ ଆମ ଗାଁରେ ଅଛନ୍ତି ସମସ୍ତେ ତାଙ୍କୁ ଅପା ବୋଲି ଡାକନ୍ତି । ଅରୁ ଅପା ଘର ଆଉ ଆମ ଘର ପ୍ରାୟ ପାଖାପାଖି । ଆମ ବାଡ଼କୁ ତାଙ୍କ ବାଡ଼ ଲାଗିଛି । ଅରୁ ଅପାର ବାପା ହରି ନନେଇ ଆମର ଘର ପୁରୋହିତ । ବାହା ମଙ୍ଗଳା ପରି ଶୁଭ କାମଠାରୁ ଆରମ୍ଭ କରି ଶୁଦ୍ଧିକ୍ରିୟା ପର୍ଯ୍ୟନ୍ତ ସମସ୍ତ କାମ ସେ ଯେମିତି ସୁରୁଖୁରୁରେ ତୁଲାଇ ଦିଅନ୍ତି, ଜନମାନ ଦୃଷ୍ଟିରୁ ଆମ ପରିବାର ତାଙ୍କୁ ସେତିକି ବି ସମ୍ମାନ ଦିଅନ୍ତି । ବିଶେଷ କରି ଅରୁ ଅପା ବୋଉ ଓ ମୋ ବୋଉ ପରସ୍ପର ବଡ଼ ଯୋଡ଼ି । ସେମାନେ ବ୍ରାହ୍ମଣ ହେଲେବି ଆମ ଖଣ୍ଡାୟତ ଘରେ ଅରୁ ଅପାର ବୋଉ ମୋ ବୋଉ ସହିତ ମିଶି ଚୁପ୍‌ଚାପ୍ ବରା କାକରା ଠାରୁ ଆରମ୍ଭ କରି ରନ୍ଧା ତରକାରୀ ଖାଇବାର ମୁଁ ଦେଖିଛି ।

ଅରୁ ଅପା ମୋଠାରୁ ବୟସରେ ଗୋଟିଏ ବର୍ଷ ବଡ଼ । ମୋଠାରୁ ଗୋଟିଏ ଶ୍ରେଣୀ ଉପରେ ସେ ପଢୁଥିଲା । ସେ ଯେତେବେଳେ ସ୍କୁଲକୁ ବାହାରେ ସେ ମୋତେ ତା ସାଙ୍ଗରେ ନେଇଯାଏ ଏବଂ ସ୍କୁଲରୁ ଫେରିବା ବେଳେ ସାଙ୍ଗରେ ଧରି ଫେରେ । ସେ ଯେ କାହିଁକି ମୋତେ ତା ସାଙ୍ଗରେ ନେବା ଆଣିବା କରୁଥିଲା ତାର ଦୁଇଟା କାରଣ ଥିଲା । ଗୋଟିଏ ହେଲା ମୋ ବୋଉ ତାକୁ କହିଥିଲା, ଦ୍ୱିତୀୟଟି ହେଲା ମୁଁ ଥିଲି ତାର ପହିଲା ନମ୍ବର ବୋଲକରା ଅର୍ଦ୍ଦଳି ।

ଆମ ଘରୁ ଆଚାର ଚୋରି କରିବାଠାରୁ ପରବାଡ଼ିରେ ପଶି କଷିକାକୁଡ଼ି, ପିଜୁଳି, କରମଙ୍ଗା ଚୋରି କରିବା ପର୍ଯ୍ୟନ୍ତ ସବୁକାମ ଅରୁ ଅପାର ନିର୍ଦ୍ଦେଶରେ ମୁଁ କରୁଥିଲି । ଏପରିକି ପରବର୍ତ୍ତୀ ବୟସରେ ଓଷା ପୁନେଇଁ ପାଇଁ ବେକେ ପାଣିରେ ପଶି ପୋଖରୀରୁ କଇଁ ବା ପଦ୍ମ ତୋଳିବାଠାରୁ ମେଢ଼ ଭଷାଣ ପର୍ଯ୍ୟନ୍ତ ସବୁ କାମରେ ସେ ମୋର ସାହାଯ୍ୟ ନେଉଥିଲା । ବରଂ ବେଳେ ବେଳେ ମୁଁ ମୋ ବାପା ବୋଉଙ୍କର ଆଦେଶ ଅମାନ୍ୟ କରିଛି ହେଲେ ଅରୁ ଅପାର ଆଦେଶକୁ ଦିନେ ହେଲେ ତଳେ ପକେଇ ଦେଇନାହିଁ ।

ଦିନେ ତା କଥା ନମାନି ଦାଶିଆ ବାରିକ ବାଡ଼ିରୁ କଷି କରମଙ୍ଗା ଚୋରି କରିଥିଲି ବୋଲି ସେ ମୋ କାନକୁ ମୋଡ଼ି ଏମିତି ଗୋଟେ ଚାପୁଡ଼ା ମୋ ଗାଲରେ ମାରିଥିଲା ଯେ ଅନେକ ଦିନ ପର୍ଯ୍ୟନ୍ତ ବଥା ଯାଇନଥିଲା । ମାଡ଼ ଖାଇ ମୋ ଆଖିରୁ ଥପ୍‌ଥପ୍ ଲୁହ ବହି ପଡ଼ିଥିଲେ ବି ସେ କଥା ମୁଁ ମୋ ବାପା ବୋଉ କାହାରିକି କହିନଥିଲି । ତାକଥା ନମାନିଲେ ମୋତେ ଯେତିକି ମାରେ, ଆକଟ

କରେ ଭଲ ମନ୍ଦରେ ସେତିକି ବି ମୋତେ ସ୍ନେହ ଆଦର କରେ । କୌଣସି ଅସୁବିଧା ବଶତଃ ମୁଁ ତା ସହିତ ଯାଇନଥିଲେ ମୋ ପାଇଁ ଭଲ ଦରବଟିଏ ଆଣିଥାଏ । ସେ ମୋଠାରୁ ଗୋଟିଏ ଶ୍ରେଣୀ ଉପରେ ପଢୁଥିବାରୁ ବାର୍ଷିକ ପରୀକ୍ଷା ପରେ ପରେ ତାର ବହି ସବୁ ମୋତେ ଦେଇଦିଏ । ମୋ ପ୍ରତି ତାର ଏମିତି ଅବାରିତ ସ୍ନେହ ମମତା ଦେଖି ମୋ ବୋଉ ବେଳେବେଳେ କହେ ଅରୁଲୋ ସତରେ ତୁଟା ପୂର୍ବ ଜନ୍ମରେ ଆମ ଅକୁର ବଡ଼ଭଉଣୀ ଥିଲୁ । ନହେଲେ ତାପ୍ରତି ତୋର ଏତେ ସ୍ନେହ ଆସନ୍ତା କୁଆଡୁ ?

ମୋର ଯେତେବେଳେ ସପ୍ତମ ଶ୍ରେଣୀ ଅରୁଅପାର ସେତେବେଳେ ଅଷ୍ଟମ । ସେ ଅଷ୍ଟମରେ ପଢ଼ିଲା ବେଳେ ଦେଖିଲି ଅରୁଅପା ଆଗପରି ଏତେଟା ଚଗଲାମି କରୁନାହିଁ କି ମୋ ସହିତ ସେତେଟା ମିଶୁନାହିଁ, ଆଗରୁ ଏକା ସାଙ୍ଗରେ ବସି ପଢୁଥିଲୁ । ପଢୁ ପଢୁ ବେଶି ରାତି ହୋଇଗଲେ ଅରୁଅପା ଆମ ଘରେ ମୋ ପାଖରେ ଗୋଟାଏ ଖଟରେ ଶୋଇ ପଡୁଥିଲା । ଏବେ ମୋ ପାଖରେ ଶୋଇବା ଦୂରେ ଥାଉ ପଢିଲା ବେଳେ ମୋ ପାଖରୁ କିଛି ଦୂରେଇ ବସି ପଢୁଥିଲା । ଆଜିକାଲି ମୋ ସହିତ କଥା ହେଉଥିଲା ବେଳେ ଆଗପରି ଚଡା ଗଳାରେ କଥା ନ କହି ମାପି ଚୁପି ଆସ୍ତେ ଆସ୍ତେ କଥା ହେଉଥିଲା । ବେଶିକିଛି ମୁଁ ପଚାରିଲେ ସେ ମୋ ଜଙ୍ଘକୁ ଚିମୁଟି ଦେଇ କହେ ପାଟି ନ କରି ଚୁପ୍ ଚାପ୍ ବସି ପଢ଼ । ସତ କଥା କହୁଛି ଅରୁଅପାର ଏମିତି ପରିବର୍ତ୍ତନ ମୋତେ ଆଦୌ ଭଲ ଲାଗୁନଥିଲା । ହଠାତ୍ ସେ ଯେ କାହିଁକି ମୋ ଉପରେ ରାଗିଗଲା ତାର କାରଣ ମୁଁ ଜାଣିପାରିଲି ନାହିଁ । ଏଣୁ ମନକୁ ମନ ଭାବୁଥିଲି ମୋର ଭୁଲ୍‌ଟା ରହିଲା କେଉଁଠି? ଦିନେ ବସି ପଢୁଥିବାବେଳେ ମୁଁ ମୁହଁ ଥମ ଥମ କରି କହିଲି ଅପା ତୁତ ଯାହା କହୁଛୁ ମୁଁତ ସବୁ କରି ଦେଉଛି । ତୁ କାହିଁକି ଆଗ ପରି ମୋ ସହିତ ମିଶୁନୁ କି କଥା କହୁନାହୁଁ? କଣ ମୋ ଉପରେ ରାଗିଛୁ? ଅରୁଅପା ମୋ ଗାଲକୁ ଚିପି ଦେଇ କହିଲା-ମୁଁ ରାଗିବି କାହିଁକି ରେ ବୋକା! ମୁଁ ଏବେ ମାଟ୍ରିକ୍ ପଢିଲିଣି, ତୁ ତ ମାଇନର ପଢୁଛୁ । ମୁଁ ସିନିୟର ତୁ ଜୁନିୟର । ତୋ ସହିତ କଥା ହେଲେ ଆମ କ୍ଲାସ୍ର ପିଲାମାନେ ମୋତେ ଚିଡାଉଛନ୍ତି । ଜୁନିୟର ସିନିୟର କଥାଟା ଶୁଣି ମୋତେ ଭାରି ବାଧିଲା । କହିଲି ଆମ ଘରୁ ଆଚାର ଚୋରି କରିନେଲା ବେଳେ ଜୁନିୟର ହୋଇ ଯାଉନାହିଁ । ଖାଲି କଥା କହିଲା ବେଳେ ଜୁନିୟର ହୋଇଯାଉଛି ନୁହେଁ?

ଅରୁଅପା ନବମ ଶ୍ରେଣୀରେ ପଢୁଥିଲା ବେଳେ ତା ଦେହଟା କେମିତି ମୋତେ ଆଗ ଅପେକ୍ଷା ଚିକିଣିଆ ଦେଖାଗଲା । ଶୁଖିଲା ଠକରା ଗାଲ ଦୁଇଟା କେମିତି ଗେଣ୍ଡୁଫୁଲ ପାରି ପୁରିଲା ପୁରିଲା ଲାଗିଲା । ତା ଗୋଡ ହାତ ଦେହରେ କିଏ ଯେମିତି ତେଲ ହଳଦି ବୋଳି ଦେଇଛି, ସେମିତି ଲାଗିଲା । ଆଖି ଦୁଇଟା ଅପରାଜିତା ଫୁଲର ପାଖୁଡା ନୀଳ ନୀଳ ମନେ ହେଲା । ଗଳାର ଆବାଜ୍‌ଟା କେମିତି ମଧୁର ଓ ମିଠା ମିଠା ଶୁଣାଗଲା । ତା ଚାଲିରେ କେମିତି ଏକ ଛନ୍ଦ ଖେଳିଗଲାପରି ଜଣାଗଲା । ଏଣିକି ଅରୁଅପା ମିନିସ୍କଟ୍ ନ ପିନ୍ଧି ଆଣ୍ଠୁ ଲୁଚି ପାରୁ ଥିବା ଲମ୍ବା ଫ୍ରକ୍ ପିନ୍ଧିଲା । ସତ କଥା କହୁଛି ଅରୁଅପାକୁ ଏଣିକି ବାରମ୍ବାର ଚାହିଁବାକୁ ମୋର ଭାରି ଇଚ୍ଛା ହେଲା । ବେଶି ସମୟ ତା ଆଡକୁ ଅନାଇ ରହିଲେ ସେ ତା ନାଲି ଓଠରେ ସାମାନ୍ୟ କ୍ରୋଧ ପ୍ରକାଶ କରି ମୋ କାନକୁ ଧରି କହେ ଏମିତି କଣ ଡାହାଣୀଙ୍କ ପରି ମୋତେ ଫେରି ଫେରି ଚାହୁଁଛୁ? ମନେ ହେଉଛି ତୁ ଯେମିତି ମୋତେ ମୋଟେ ଆଗରୁ ଦେଖିନଥିଲୁ ଆଜି ନୂଆ କରି ଦେଖୁଛୁ । ଠୋ କରି ମୋ ଗାଲରେ ଚାପୁଡାଟିଏ ମାରି କହେ କାଲିର ପଢା ତୁ କରିଛୁତ ନ କରିଥିଲେ ବସି କରିପକା ।

ଅରୁଅପାର ଦଶମ ଶ୍ରେଣୀ ବେଳକୁ ମୋର ନବମ । ଏଥର ଅପା ଫ୍ରକ୍ ପିନ୍ଧାଛାଡି ଶାଢୀ ପିନ୍ଧିଲା । ଘରୁ ସ୍କୁଲକୁ ଗଲାବେଳେ ସେ ମୋ ସହିତ ଯାଏ ସତ କିନ୍ତୁ ପଦେ ଦୁଇପଦ ମାମୁଲି କଥା ଛଡା ବେଶି ବକ୍ ବକ୍ ହେଉନଥିଲା । ରାସ୍ତାରେ ଚୁପ୍ ଚାପ୍ ମୋ ଠାରୁ ଦୂରେଇ ଚାଲେ । ସ୍କୁଲରେ ପହଞ୍ଚିଗଲା ପରେ ସେ ମୋ ସହିତ ଆଦୌ କଥା ହୁଏ ନାହିଁ କି ମୋ ଆଡକୁ ଚାହେଁ ନାହିଁ । ସ୍କୁଲ ଛୁଟି ପରେ ସେ ତା କ୍ଲାସ୍ ଝିଅ ମାନଙ୍କ ସହିତ କଥା ହୋଇ ଆସେ । ମୁଁ ଯଦିବା ତା ପଛେ ପଛେ ଚାଲିଥାଏ, ସେ ଥରେବି ମୋତେ ପଛକୁ ଚାହେଁ ନାହିଁ । ସତେ ଯେମିତି ମୋତେ ମୋଟେ ଚିହ୍ନେଁ ନାହିଁକି ଜାଣେ ନାହିଁ । ଦାଣ୍ଡରୁ ଆମ ସାହିକୁ ମୋଡିବା ବେଳେ ବାଙ୍କଟିଏ ପଡେ, ସେଇ ବାଙ୍କ ବରଗଛ ମୂଳେ ଅରୁ ଅପା ମୋ ପାଇଁ ଅପେକ୍ଷା କରେ, ସେଠାରୁ ସାଥୀହୋଇ ଘରକୁ ଫେରୁ । ମୁଁ ଦିନେ ଅରୁଅପାକୁ ପଚାରିଲି-ଅପା ସ୍କୁଲଠାରୁ ଏହି ବରଗଛ ମୂଳ ପର୍ଯ୍ୟନ୍ତ ତୁ ମୋ ଠାରୁ ସିନିୟର ହୋଇଯାଉ ।ଏହିଠାରୁ ଆମେ ଦୁହେଁ ସମାନ ହୋଇଯାଉ, ନୁହେଁ। ଅରୁଅପା ଦାନ୍ତ ଦେଖାଇ ଟିକେ ହସିଦିଏ ସିନା, କିଛି କହେନି ।

ଅରୁଅପାର ରୂପଟା ଯେମିତି ଗୁଣବି ସେମିତି । ସେ ଯେମିତି ଭଲ ପଢେ ସେମିତିବି ନାଚିଗାଇ ପାରେ । କହିବାକୁଗଲେ ଗାଁ ଠାରୁ ସ୍କୁଲ ପର୍ଯନ୍ତ ଅରୁଅପା ଥିଲା ସମସ୍ତଙ୍କର ସ୍ନେହଭାଜନ । ଆମ ସ୍କୁଲର ବାର୍ଷିକ ଉତ୍ସବରେ ଭଲ ଛାତ୍ରୀ ଭାବରେ ଅରୁଅପା ଯେତେବେଳେ ଗୁଡାଏ ପୁରସ୍କାର ପାଏ ସେତେବେଳେ ଗର୍ବରେ ମୋ ଛାତି ଫୁଲିଉଠେ । । ମୁଁ ଆଗଧାଡିରେ ବସି ଜୋରରେ ତାଳିମାରେ ।

ଅରୁଅପାର ଏକାଦଶ ବେଳକୁ ମୋର ଦଶମ । ସେତେବେଳକୁ ମୋର ସ୍ୱାସ୍ଥ୍ୟ ବେଶ୍ ପରିବର୍ତ୍ତନ ହୋଇଯାଇଥାଏ । ଅପାଠାରୁ ମୁଁ ବେଶ୍ ଲମ୍ବା ହୋଇଯାଇଥିଲି । ବଢିଲା ବଢିଲା ବାହୁ ପୁରିଲା ପୁରିଲା ଗାଲ ସାଙ୍ଗକୁ ମୋ ଛାତିଟା ବେଶ୍ ଚଉଡା ହୋଇଯାଇଥିଲା । ନାକତଳେ ଗଜରି ଉଠୁଥିବା କଳା କଳା ସରୁ ନିଶ ମୋର ଗୋରା ମୁଁହର ସୌନ୍ଦର୍ଯକୁ ବଢାଇ ଥିଲା । ଆଗପରି ମୁଁ ପ୍ରଗଳଭ ନ ହୋଇ ଗମ୍ଭୀର ହୋଇଯାଇଛି ।

ଅରୁଅପା ଆଜିକାଲି ମୁଁହ ଫେରାଇ ନେଲାବେଳେ ମୋ ଅଲକ୍ଷ୍ୟରେ ମୋତେ କଣେଇ କଣେଇ କରି ନିରିଖି କରି ଚାହୁଁଥିଲା

ଆମ ସ୍କୁଲର ବାର୍ଷିକ ଉତ୍ସବ ପ୍ରତିବର୍ଷ ସରସ୍ୱତୀ ପୂଜା ଦିନ ପାଳିତ ହୁଏ । ପ୍ରତିବର୍ଷ ଏହି ଉତ୍ସବରେ ପିଲା ଓ ଶିକ୍ଷକ ମାନେ ମିଶି ଡ୍ରାମା କରନ୍ତି । ଏଥର ଆମ ହେଡମାଷ୍ଟର ମହାଶୟ କହିଲେ, ପ୍ରତିବର୍ଷ ତ ଡ୍ରାମା କରୁଛନ୍ତି ଏବର୍ଷ ଗୀତିନାଟ୍ୟ କରନ୍ତୁ । ତାଙ୍କର ଏପରି କହିବାର ଉଦ୍ଦେଶ୍ୟ ସେ ନିଜେ ମେହେରଙ୍କ ପ୍ରଣୟ ବଲ୍ଲରୀରୁ "ଇତି ଶକୁନ୍ତଳେ" ନାମକ ଏକ ଗିତୀନାଟ୍ୟ ଲେଖିଥିଲେ । ଅରୁଅପାକୁ ନାଟକର ନାୟୀକା ଶକୁନ୍ତଳା ଭୂମିକାରେ ଅଭିନୟ କରିବାକୁ କୁହାଗଲା । ସେ ବି ରାଜି ହେଲା । ଦୁଷ୍ମନ୍ତ ଭୂମିକାରେ ଆମ ସ୍କୁଲର ବିଜ୍ଞାନ ଶିକ୍ଷକ ବନମାଳୀ ବାବୁଙ୍କୁ କୁହାଗଲା । ଅପା କିନ୍ତୁ ସେ ପ୍ରସ୍ତାବକୁ ରୋକ୍ ଠୋକ୍ ମନା କରିଦେଲା । ସେ କହିଲା -ଅଜୁ ଯଦି ଦୁଷ୍ମନ୍ତ ହେବ ମୁ ଶକୁନ୍ତଳା ହେବାକୁ ରାଜି । ଶେଷରେ ତା କଥା ରହିଲା ।

ମୁଁ କହିଲି- ଅପା ତୁ ସିନା ଅନେକ ଥର ଷ୍ଟେଜ୍‌ରେ ଛିଡା ହେଲୁଣି; ତୋ କଥାଟା ଅଲଗା , ମୋତେ ଏମିତି ହରଡ ଘଣାରେ ପକାଇଲୁ କାହିଁକି ? ମୁଁ କଣ ସତରେ ପାରିବି । ମୁଁ ଯେ ଏ କ୍ଷେତ୍ରରେ ଏକାବେଳକେ ନୂଆ । ଅପା ଦାର୍ଶନିକଟିଏ ପରି କହିଲା-ଅଜୁ ମଣିଷ ତା ମା ପେଟରୁ ଜନ୍ମ ହେବାଠାରୁ ଅଭିନୟ କରିଆସୁଛି । କିଏ ନିଜର ସଦ୍‌ଗୁଣ ପାଇଁ ସଫଳ ଅଭିନେତା ହେଉଛି ତ କିଏ ନିଜର ବଦ୍‌ଗୁଣ ପାଇଁ ଅସଫଳତା ଅର୍ଜନ କରୁଛି, ନୂଆ କଣ କହିଲୁ ? ମୁଁ ଅଛି ଯେତେବେଳେ ଡରିବାର କିଛିନାହିଁ ।

ଡ୍ରାମାଦିନ ସେଟିଂ ହେଉଥିବା ବେଳେ ଅଳ୍ପ ସମୟ ପାଇଁ ବିଜୁଳି ଚାଲିଗଲା । ସାର୍ ମାନେ ମଦନା ଦୋକାନରୁ ଚାରିଟା ମହମବତୀ ଆଣିବାକୁ ପିଲାମାନଙ୍କୁ ପଠାଇଲେ । ଅରୁଅପା କହିଲା-ଅଜୁ ମୋର ହାତଟା ଧରି ଛିଡା ହଅ । ଅନ୍ଧାରରେ ମୋତେ ଭାରି ଡର ଲାଗେ । ଆଲୁଅ ଆସିବା ପର୍ଯ୍ୟନ୍ତ ଅପାର ହାତ ଧରି ଛିଡା ହେଲି; ଅପା ମୋ ପାଖକୁ ଲାଗି ଆସି ମୋ କାନ ପାଖରେ ତା ମୁଁହଟା ଗୁଂଜି ଦେଇ କହିଲା-ସତରେ ଅଜୁ ତୁ ଆଜି ଭାରି ସୁନ୍ଦର ଦିଶୁଛୁ । ଯେମିତି ଗୋପପୁରର ଅଝଟିଆ କାହ୍ନୁ । ତୁ ଯଦି ମୋ ଠାରୁ ବଡ ହୋଇଥାନ୍ତୁ ନା.....

ମୁଁ କହିଲି- ମୁଁ ଯଦି ତୋ ଠାରୁ ବଡ ହୋଇଥାନ୍ତି ତୋତେ ଅପା ବୋଲି ଡାକିଥାନ୍ତା କିଏ? ସାମାନ୍ୟ କଥାରେ ତୋ ଠାରୁ କାନ ମୋଡା, ଗାଲ ଚାପୁଡା ଖାଉଥାନ୍ତା କିଏ ? ଆଉ କିଛି କହିବା ପୂର୍ବରୁ ଦପ୍ କରି ଆଲୁଅ ଜଳି ଉଠିଲା । ଅରୁଅପା ତା ହାତଟାକୁ ମୋ ହାତ ମୁଠାରୁ ମୁକୁଳାଇ ଆଣିଲା । ତା କଥାରେ ଏମିତି କି ଯାଦୁକାରୀ ଶକ୍ତି ଥିଲା କେଜାଣି, ସେଦିନ ମାଘ ମାସ ଶୀତୁଆ ରାତିରେ ମୁଁ ଚୈତ୍ର ମାସର ଗରମ ଅନୁଭବ କଲି । ବିନ୍ଦୁ ବିନ୍ଦୁ ଝାଳ ମୋ କପାଳରେ ଜମି ଆସିଲା । ଏକ ଅଜଣା ଉତ୍ତେଜନାରେ ମୋ ଦେହଟା କ୍ଷଣିକ ପାଇଁ ଥରିଗଲା । ଏତେ କଷ୍ଟ କରି ମୁଖସ୍ତ କରିଥିବା ଗୀତ ସଂଳାପ ଭୁଲିଗଲି, ଅରୁଅପାର ମୁଁହଟାକୁ ବଲ ବଲ କରି ଚାହିଁ ରହିଲି । ଅପା ମୋ ଗାଲରେ ସରୁ ଚାପୁଡାଟେ ମାରି କହିଲା-କଣ ଏମିତି ଜଳକା ପରି ମୋତେ ଜଳ ଜଳ କରି ଚାହିଁଛୁ ? ଆଇନାରେ ନିଜ ମୁଁହକୁ ଦେଖି ନିଜେ ସଜାଡ଼ି ନେ , ପ୍ରଥମ କନ୍‌ସେଟ୍ ବାଜିଲାଣି ଯେ!

ବାଦ୍ୟ ଯନ୍ତ୍ରର ତାଳେ ତାଳେ ଗୀତର ରନ୍ଧ୍ରେ ରନ୍ଧ୍ରେ ଅରୁଅପା ସେଦିନ ଲୋଟଣି ପାରାଟିଏ ପରି ଘୁରି ଘୁରି ନାଚି ଗାଉଥିବା

ବେଳେ ସ୍ତବ୍ଧ ଚକିତ ଦର୍ଶକ ଅପଲକ ନେତ୍ରରେ ତାଙ୍କୁ ଚାହିଁ ରହିଥିଲେ। ସେମାନଙ୍କ କରତାଳି ଶବ୍ଦରେ ସେଦିନ ଆମ ସ୍କୁଲ ପଡିଆଟା ଫାଟି ପଡୁଥିଲା ବେଳେ ମୋର ସବୁ ତାଳ ଛନ୍ଦ ଭୁଲ ହୋଇଯାଉଥିଲା।

ଉତ୍ସବ ଶେଷରେ ପ୍ରଧାନ ଶିକ୍ଷକ ଷ୍ଟେଜ୍ ଉପରେ ଅରୁଅପାକୁ ଶ୍ରେଷ୍ଠ କଳାକାର ପାଇଁ ସମ୍ମାନିତ କରି ଏକ ପ୍ରଶଂସା ପତ୍ର ସହ ମେହେର ଗ୍ରଚ୍ଛାବଳୀଟିଏ ଉପହାର ଦେଲେ, ଅପା ପରେ ସେଗୁଡିକୁ ମୋ ହାତକୁ ବଢାଇ ଦେଇ କହିଲା-ଅକୁ ସବୁ ଗୁଡାକ ପୁରସ୍କାର ମୁଁ ଏକା ନେବା ଠିକ୍ ହେବ ନାହିଁ। ମୁଁ ମାନ ପତ୍ର ନେଉଛି, ତୁ ଗ୍ରଚ୍ଛାବଳି ନେ। ସେଦିନ ଅପାର ହାତଦୁଇଟାକୁ ମୁଁ କୋରରେ କାବୁଡି ଧରି କହିଲି-ଅପାଲୋ, ସତରେ ତୁ କେତେ ଉଦାର! ସବୁଦିନ ପାଇଁ ତୁ ମୋର ଅପା ହୋଇ ରହିଥା। ମୋ ଆଖିରୁ ଦୁଇ ବୁନ୍ଦା ଆନନ୍ଦାଶ୍ରୁ ଅରୁଅପାର ହାତଉପରେ ଝରିପଡିଲା।

ଅରୁଅପା ମେଟ୍ରିକ୍ ପାସ୍ କରି ଆମ ଗାଁ ସ୍କୁଲ୍ ଛାଡି କଲେଜରେ ପଢିବାପାଇଁ ସହରକୁ ଚାଲିଗଲା। ଅପା ଚାଲିଗଲା ପରେ ମୁଁ କେମିତି ନିଃସଙ୍ଗ ମନେକଲି। ଏତେ ଦିନ ଧରି ସାଥୀ ହୋଇ ସ୍କୁଲ ଆସୁଥିଲୁ, ଏଣିକି ଏକା ଏକା ଆସିବାକୁ ପଡିଲା। ମନେ ମନେ ଭାବେ ରାତା ରାତି ଆମ ଗାଁ ସ୍କୁଲ୍‌ଟା କଲେଜ ହୋଇ ଯାଆନ୍ତାକି, ଅପା ମୋର ଏଠାକୁ ଫେରି ଆସନ୍ତା।

ବର୍ଷକ ପରେ ମୁଁ ମେଟ୍ରିକ୍ ପାସ୍ କଲି । ବାପାଙ୍କୁ କହି ଅରୁଅପା ଯେଉଁ କଲେଜରେ ପଢୁଥିଲା ସେଇ କଲେଜରେ ନା ଲେଖାଇନେଲି। ଅପା କଲେଜ ହଷ୍ଟେଲରେ ରହୁଥିଲା, ମୁଁ ମେସ୍‌ରେ ରହୁଥିଲି। କଲେଜ୍ ଟାଇମ୍ ରେ ତା ସହିତ ଦେଖାହୁଏ। ସ୍କୁଲରେ ପଢୁଥିବା ବେଳେ ସେ ଯେମିତି ମୋ ସହିତ କଥା କହିବାକୁ ଡରୁଥିଲା, ଏବେ ସେମିତି ଡରୁନଥିଲା। ଲିକର୍ ପିରିୟଡ୍‌ରେ ଘଣ୍ଟା ଘଣ୍ଟା ଧରି କଲେଜ୍ ବାରଣ୍ଡାରେ ଛିଡା ହୋଇ ସେ ମୋ ସହିତ କଥା ହେଉଥିଲା। ପ୍ରତି ରବିବାର ଦିନ ମୁଁ ହଷ୍ଟେଲ୍‌କୁ ଯାଇ ଅପାକୁ ଦେଖାକରୁଥିଲି। ବଜାରରୁ ଅଣ୍ଡା,ଚାଟ୍,ପକୋଡି,ବାଦାମ୍ କିଣିବାଠାରୁ ଶନିବାର ଦିନ ମ୍ୟାଟିନ୍ ସୋ ଟିକଟ୍ କାଟିବା ପର୍ଯ୍ୟନ୍ତ ସବୁକାମ ଅପାର ମୁଁ କରି ଦେଉଥିଲି। କହିବାକୁ ଗଲେ କଲେଜ ଜୀବନରେ ଅରୁଅପାର ମୁଁ ଥିଲି ପର୍‌ସନାଲ୍ ଆସିଷ୍ଟାଣ୍ଟ୍। ଅପା ପ୍ରତି ମୋର ଯେତିକି ଅନୁରକ୍ତି ଥିଲା, ଅପାର ମୋ ପ୍ରତି ସେତିକି ମଧ୍ୟ ଆନ୍ତରିକତା ଥିଲା।

ମୁଁ ବି.ଏ. ପାଶ୍ କଲା ପରେ ମୋ ବାପା ଆଉ ପଢାଇ ପାରିବେ ନାହିଁ ବୋଲି ରୋକ୍ ଠୋକ୍ ମନା କରି ଦେଲେ। ଅବଶ୍ୟ ଅରୁଅପା ମୋ ବାପାଙ୍କୁ ବୁଝାଇ କହିଥିଲା-ଦଦେଇ, ଅକୁଟାକୁ ଏମ୍.ଏ. ଯାଏ ପଢାଇଦିଅ। ବାପାଙ୍କର ସେଇ ଗୋଟିଏ କଥା-ସେ ବି.ଏ. ପାଶ୍ କଲା ଏଥର ଚାକିରି ଦେଖୁ। ଚାରିମାଣ ଚାଷ ଉପରେ ନିର୍ଭର କରୁଥିବା ଜଣେ ଚାଷୀ ପକ୍ଷରେ ଆଉ ପଢାଇବା ସମ୍ଭବ ନୁହେଁ। ଏଣୁ ବି.ଏ. ପାଶ୍ କଲା ପରେ ମୋ ପଢାର ପୂର୍ଣ୍ଣଚ୍ଛେଦ ପଡିଲା। ମୁଁ ଆମ ଗାଁ ସ୍କୁଲରେ ଶିକ୍ଷକତା କଲି। ଅରୁଅପା ଏମ୍.ଏ. ପାଶ୍ ପରେ ବ୍ୟାଙ୍କ୍‌ରେ ଚାକିରି ପାଇଥିଲା କିନ୍ତୁ ତାଙ୍କ ବାପା ବାରଣ କରିବାରୁ ଚାକିରି ଛାଡିଦେଲା। ହରି କକେଇ ଚାହୁଁଥିଲେ ତାଙ୍କର ଏକମାତ୍ର ଝିଅ ଅରୁ ବାହାସାହା ହୋଇ ଘର ସଂସାର କରୁ। ତାହାହିଁ ହେଲା, ହରି କକେଇ ଅରୁଅପା ପାଇଁ ଇଂଜିନିୟର୍ ବରଟିଏ ପାଇଗଲେ। ପିଲାଟି ଭିଲାଇ ଷ୍ଟିଲ୍ ପ୍ଲାଣ୍ଟରେ ଇଂଜିନିୟର୍ ଥିଲା। ତାଙ୍କ ଘର ଲୋକେ ଅରୁଅପାକୁ ଦେଖି ପସନ୍ଦ କରିଗଲେ। ହୀରାଠାରୁ କିରା ପର୍ଯ୍ୟନ୍ତ ତାଙ୍କର ଯାହା ଯାହା ଦରକାର, ତାହାସବୁ ହରି କକେଇ ଦେବାପାଇଁ ରାଜି ହୋଇଗଲେ। ବାହାଘର ପ୍ରସ୍ତାବ ପଡିବାରୁ ଅରୁଅପାର ମୁହଁଟା କିପରି ଶୁଖିଗଲା। ବାହାଘର କଥା ପଡିଲେ ସବୁଝିଅ ବୋଧେ ଏମିତି ମୁହଁ ଶୁଖାଇ ଥାନ୍ତି।

ଦିନେ ଅରୁଅପା ପାଖକୁ ଡାକି ମୋତେ କହିଲା-ଅକୁରେ, ଆଜିକାଲି ପ୍ରତ୍ୟେକ ଝିଅର ବାପା ମା ମାନେ ଇଂଜିନିୟର କି ଡାକ୍ତର ଜ୍ୱାଇଁଟିଏ କରିବା ପାଇଁ ପାଗଳ କାହିଁକି? ଅନ୍ୟମାନେ କଣ ଯୋଗ୍ୟ ନୁହଁନ୍ତି!! ମୁଁ କହିଲି ପ୍ରତ୍ୟେକ ବାପା ମା ଚାହାନ୍ତି ଝିଅଟି ତାଙ୍କର ସୁଖରେ ରହୁ। ଆଜିକାଲି ଡାକ୍ତର କି ଇଂଜିନିୟରମାନେ ଅନ୍ୟ ଚାକିରିଆଙ୍କଠାରୁ ମୋଟା ଅଙ୍କର ଦରମା ପାଉଥିବାରୁ ସେମାନଙ୍କୁ ଜ୍ୱାଇଁ କରିବାକୁ ସମସ୍ତେ ଚାହାନ୍ତି। ସେ ଦୃଷ୍ଟିରୁ ହରି କକେଇ ତୋ ପାଇଁ ଇଂଜିନିୟର ବରଟିଏ ଠିକ୍ କରିଛନ୍ତି।

ଆଜି ଅରୁ ଅପାର ବାହାଘର। ସକାଳ ପହରୁ ମୁଁ ବ୍ୟସ୍ତ। ଚେୟାର ଟେବୁଲ ବୋହିବା ଠାରୁ ନକାର ପର୍ଯ୍ୟନ୍ତ ସବୁକାମ

ମୋ ଉପରେ ହରି କକେଇ ନ୍ୟସ୍ତ କରିଥାନ୍ତି । ଅରୁ ଅପାର ବାହାଘର ମୁଁ ବା ବ୍ୟସ୍ତ ନ ରହନ୍ତି କିପରି? କିନ୍ତୁ ଏତେ ବ୍ୟସ୍ତତା ମଧ୍ୟରେ ବି କେମିତି ଅସୁସ୍ଥତା ଅନୁଭବ କରୁଥିଲି । ମନମଧ୍ୟରୁ କେମିତି ସବୁ ସରଳତା ମଉଳି ଯାଉଥିଲା ପରି ଲାଗୁଥିଲା । ଏହାର ଏକମାତ୍ର କାରଣ-ଅରୁ ଅପାଯେ ଆଉ ଦିନକ ପରେ ଆମ ସମସ୍ତଙ୍କୁ ଛାଡି ପର ଘରକୁ ଚାଲିଯିବ-ବୋଧହୁଏ ଏହି ଆଶଙ୍କାରେ । ଅଜି ଅରୁ ଅପାକୁ ଟିକିଏ ନିରୋଳାରେ ସାକ୍ଷାତ କରିବାକୁ ମୋର ଭାରିଇଚ୍ଛା । ହେଲେ ସେ ସୁଯୋଗ ମୋତେ ମିଳୁଛି କେଉଁଠି? ଯେତେବେଳେ ଦେଖିବ ଅଶୋକ ବନରେ ସୀତାଙ୍କୁ ଅସୁରୁଣୀ ମାନେ ଘେରିବସିଥିବା ପରି ଦଶ ବାର କଣ ଗାଁରୁ ଝିଅ ବୋହୁ ଅପାକୁ ଘେରି ବସିଛନ୍ତି । ଯଦିବା କାର୍ଯ୍ୟ ବ୍ୟସ୍ତତା ଭିତରେ ଅରୁଅପା ସହିତ ମୋର ମୁହାଁ ମୁହିଁ ଭେଟ ହେଇଯାଉଛି ମୁଁ ତାକୁ କିଛି କହିବା ପୂର୍ବରୁ ସେ କିଛିନା କିଛି କାମରେ ବାହାନା ଦେଖାଇ ମୋ ପାଖରୁ ଦୁରେଇ ଯାଉଛି । ଅପାର ଏମିତି ହାବ ଭାବ ଦେଖି ମନଟା ମୋର ଅଭିମାନରେ ଭାଙ୍ଗିପଡୁଥିଲା । ମନେ ମନେ ଭାବୁଥିଲି ଆଜିବି କଣ ଅରୁଅପା ଜୁନିୟର୍ ସିନିୟର କଥା ଭାବୁଛି ।

ସବୁକାମ ତଦାରଖ କରି ବରଧରା ବାହାରି ଯିବା ପରେ ମୁଁ ଆମ ଘରକୁ ଫେରିଆସି ଅଗଣାରେ ବସି ଦେହରୁ ଝାଳ ପୋଛୁଥିବା ବେଳେ ଅରୁଅପାର ପିଉସୀ ଝିଅ ଭଉଣୀ ବାସନ୍ତୀ ଆସି କହିଲା-ଅକୁଭାଇ, ତୁମକୁ ଅରୁଅପା ଡାକୁଛି । ଶିଘ୍ର ମୋ ସହିତ ଆସ । ସବୁତକ ଅଭିମାନ ମୋର ପାଣିର ଗାର ପରି କେଉଁଆଡେ ଉଭେଇଗଲା । ବାସନ୍ତୀ ପଛେ ପଛେ ମୁଁ ଚାଲିଲି । ଆସି ଦେଖେତ ଅରୁଅପା ମୁହଁ ତଳକୁ କରି ତା ଶୋଇବା ଘର ଖଟ ଉପରେ ବସିଛି । ମୋତେ ଦେଖି ତା ପାଖରେ ବସିବାକୁ କହିଲା । ମୁଁ ବସିବା ମାତ୍ରକେ ସେ ତା ଦୁଇ ହାତକୁ ମୋ ବେକରେ ଛନ୍ଦିଦେଇ ମୋ ଡାହାଣ କାନ୍ଧରେ ତା ମୁହଁକୁ ଗୁଂଜିଦେଇ ଛୋଟ ପିଲାଟି ପରି କଇଁ କଇଁ କରି କାନ୍ଦି ଉଠିଲା । ମୁଁ ତାକୁ ଯେତେ ବୁଝେଇଲେବି ସିଏ ତା କାନ୍ଦଣା ବନ୍ଦ କରୁନଥିଲା, ତାହାରି ଶାଢୀକାନିରେ ତା ଆଖିରୁ ଝରି ଆସୁଥିବା ଲୁହକୁ ମୁଁ ପୋଛିଦେଲି ।

ସିଏ ଟିକିଏ ଶାନ୍ତ ହେଲାପରେ କହିଲା-ଅକୁ, ମୁଁ ତୋତେ କେତେ ଯେ ଭଲପାଏ ଏକଥା କିପରି ବୁଝାଇ କହିବି? ବିବାହ ପରେ ମୋ କାୟାସିନା ପରଘରକୁ ଚାଲିଯିବ ହେଲେ ମୋର ସମସ୍ତ ମାୟା ମମତା ତୋ ଠାରେ ସବୁଦିନ ପାଇଁ ବନ୍ଧା ପଡିଯିବ । ଏହାପରେ ସେ ଉଠିଯାଇ ପାଖ ଆଲମାରୀ ଖୋଲି କାଗଜ ପୁଡିଆଟିଏ ଆଣି ମୋ ଆଗରେ ଖୋଲିଲା । କହିଲା ଅକୁ ଦୁଇବର୍ଷ ତଳେ ଏକ୍ସକରସନ୍‌ରେ ଦିଲ୍ଲୀ ଯାଇଥିବା ବେଳେ ଆଗ୍ରାରୁ ଏ ତାଜମହଲଟା ତୋ ପାଇଁ ଆଣିଥିଲି । ମାତ୍ର ଦେଇପାରି ନଥିଲି ଆଜି ଦେଉଛି । ନେ, ଧର । ମୁଁ କହିଲି-ଏହାକୁ ନେଇ ମୁଁ କଣ କରିବି? ସେଇଟା ବରଂ ତୁ ତୋ ଶାଶୁଘରକୁ ନେଇଯା, ଛାତ୍ରୀ ଜୀବନର ସ୍ମୃତିକୁ ସବୁଦିନ ସାଇତି ରଖିବୁ। ସେ କାନ୍ଦ କାନ୍ଦ ହୋଇ କହିଲା-ଅକୁ, ସାହାଜାହାନ୍ ସିନା ତାଙ୍କ ପ୍ରିୟତମା ବେଗମ୍ ମମତାଜ୍‌ଙ୍କର ପ୍ରୀତିରେ ପ୍ରୀତ ହୋଇ ଅମର ସ୍ମୃତି ତାଜମହଲ ଗଢିଥିଲେ, କିନ୍ତୁ ମୁଁ ଆଜି ମମତାଜ୍ ହୋଇ ମମତାର ଏହି ତାଜ୍‌ମହଲ ତୋତେ ଦେଇଗଲି । ସବୁଦିନ ପାଇଁ ଏହାକୁ ସାଇତି ରଖିଥିବୁ, ଯେଉଁଦିନ ଦେଖିବୁ ଏ ତାଜ୍‌ମହଲଟା ଆପେ ଭାଙ୍ଗିଯିବ. ସେଦିନ ଜାଣିବୁ ତୋର ଆଦରର ଅରୁଅପା ଏ ସଂସାରରେ ନ ଥିବ ।

ମୁଁ ତା ପାଟିରେ ହାତ ଦେଇ କହିଲି-ଛି ଅପା ଆଜି ପରି ମଙ୍ଗଳ ଦିନରେ ଏମିତି ଅମଙ୍ଗଳିଆ କଥା ତୁଣ୍ଡରେ ଧରୁଛୁ! ତୋର ଅକୁ ବଞ୍ଚିଥିବା ଯାଏ ତୋର କୌଣସି ଅଘଟଣ ଘଟିବାକୁ ଦେବନାହିଁ । ଅପା ହଠାତ୍ ତା ଛାତିରେ ଚାପିଧରି ମୋ ମୁଣ୍ଡରେ ସ୍ନେହବୋଳା ଚୁମାଟିଏ ଦେଇ କହିଲା-ଅକୁରେ ତୋ ଅରୁଅପାକୁ ପାଶୋରି ନଦେଇ ମନେ ରଖିବୁତ ? ସେ ରାତିରେ ମୋତେ ଆଉ କିଛିକ୍ଷଣ କଡାଇ ଧରିଥାନ୍ତା କି କଣ କିନ୍ତୁ ତା ବୋଉ ଡାକରେ ମୋତେ ଛାଡିଦେଲା । କାକିମା ଘରଭିତରକୁ ପଶିଆଶି କହିଲେ-ମୁଁ ତୋତେ କେତେ ଖୋଜୁଛି । ଏଇଠି ଭାଇ ଭଉଣି ଦୁହେଁ ଛିଡାହୋଇ କାନ୍ଦୁଛ? ବରଧରା ଫେରିଆସିଲାଣି । ସାତ ଅହ୍ୟ ଦିଅଁ ମଙ୍ଗୁଳିବାକୁ ବାହାରିଲେଣି । ଶିଘ୍ର ଆସ, ତୋ ଉପରେ ହଳଦୀ ପାଣି ପକାଇବାକୁ ଅପେକ୍ଷା କରିଛନ୍ତି । ଅରୁଅପା ତା ବୋଉ ପଛେ ପଛେ ଚାଲିଗଲା । ସେଇ ତାଜ୍‌ମହଲଟାକୁ ହାତରେ ଧରି ମୁଁ ତା ଯିବା ବାଟକୁ ଚାହିଁ ରହିଥିଲି ।

ବଡ ଜାକଜମକରେ ବର ଆସିଲା । ବାଣ ଆଉ ରୋଷଣିରେ ଗାଁ ଦାଣ୍ଡ ଝଲସୀ ଉଠିଲା । ଗାଁ ଦାଣ୍ଡରେ ଅନେକ ଝିଅ ବୋହୁ ଛିଡାହୋଇ ବର ଶୋଭାଯାତ୍ରା ଦେଖୁଥାନ୍ତି । ବର କାର ଆଗରେ ଦଳେ ଉଶୃଙ୍ଖଳ ଯୁବକ ଶିବଙ୍କର ତାଣ୍ଡବ ନୃତ୍ୟ ପରି ନାଚୁଥାନ୍ତି ।

ହଠାତ୍ ସେମାନଙ୍କ ମଧ୍ୟରୁ ପାଞ୍ଚ,ଛଅ ଜଣ ଯୁବକ ସେଠାରେ ଛିଡା ହୋଇଥିବା ଝିଅ ମାନଙ୍କ ମଧ୍ୟରୁ ଚାରିଟାକୁ ଜବର୍ଦସ୍ତି ଟାଣିଆଣି ସେମାନଙ୍କ ସହ ନାଚିବାକୁ ବାଧ୍ୟକଲେ । ଏ କି ଘଟଣା! ଗାଁ ବାଲା ରାଗିଗଲେ । ମାର ମାର ଶବ୍ଦରେ ମୁଁ ଓ ମୋର କେତେକଣ ସାଙ୍ଗ ସେଠାରେ ପହଞ୍ଚି ଘଟଣା ଅନୁସନ୍ଧାନ କରି ସମାଧାନ କଲୁ । ଦେଖିଲୁ ସେମାନେ ସମସ୍ତେ ନିଶାଗ୍ରସ୍ତ । ସେମାନଙ୍କୁ କୌଣସି ମତେ ଶାନ୍ତ କରାଇ ବରଯାତ୍ରୀଙ୍କ ପାଇଁ ଉଦ୍ଦୀଷ୍ଟ କୋଠରୀରେ ବସାଇଲୁ । ଏହାପରେ ଗଲୁ ବର କାର ପାଖକୁ । ଦେଖିଲୁ ବର ଓ ବରର ବାପା ମଦ ନିଶାରେ ବେହୋସ । ମୁଣ୍ଡରେ ମୋର ଚଡ଼କ ପଡିଲା ପରି ଲାଗିଲା । ହରି ଜେଜେଇ ଶେଷରେ ଏତେ ଦାମ୍ ଦେଇ ମଦୁଆ ବରଟିଏ କିଣିଲେ! ହରି ଜେଜେଇ ଗଛଟିଏ ପରି ଛିଡାହୋଇ ଚୁପ୍ ଚାପ୍ ସବୁ ଦେଖୁଥାନ୍ତି । ତାଙ୍କପାଟିରୁ ପଦଟିଏ ଭାଷା ବାହାରୁ ନଥିଲା । ବଡ କଷ୍ଟରେ କାର୍ ଭିତରୁ ବର ଓ ବର ବାପାଙ୍କୁ ଟାଣି ବାହାର କରି ବର ବସିବା ପାଇଁ କୋଠରୀକୁ ନେଇଗଲୁ । ମାତ୍ର ସେମାନେ ସେଠାରେ ବସିବା ଅବସ୍ଥାରେ ନଥିଲେ । ବର ଯାତ୍ରୀଙ୍କୁ ଚର୍ଚ୍ଚା କରିବାକୁ ଧାଇଁଲୁ । ଚର୍ଚ୍ଚା ବା କରିବୁ କଣ? ସେମାନେ ଖାଉ ଖାଉ ଅଇଁଠା ହାତରେ ଖାଇବା ପତ୍ରରେ ମୁଣ୍ଡ ରଖି ଟେବୁଲ ଉପରେ ଶୋଇଗଲେ । ସେଠାରୁ ଫେରି ଦେଖିଲି ବରର ବାପା ଚେତାପାଇ କାଛକୁ ଆଉଜି ବସିଛନ୍ତି । ବର ଅଭୟବାବୁ କୁମ୍ଭକର୍ଣ୍ଣ ପରି ଉପରକୁ ମୁହଁ କରି ଚିତ୍ ହୋଇ ଶୋଇଛନ୍ତି, ଉଁ କି ଚୁଁ ହେଉନାହାନ୍ତି । ମୁଁ କହିଲି-କନ୍ୟା ବେଦିକୁ ଯିବାକୁ ବାହାରିଲାଣି, ଲଗ୍ନ ବେଳ ଗଡିଯାଉଛି । ଅଭୟ ବାବୁଙ୍କୁ ଉଠାଇ ବସାନ୍ତୁ । ସେ ସାମାନ୍ୟ ମୁରୁକି ହସଟିଏ ଦେଇ କହିଲେ-ମୁଁ ତାକୁ ଚାରିପେଗ୍ ପିଇବାକୁ କହିଥିଲି । ଆପୁ ଆପୁ କାର ଭିତରେ ସାଙ୍ଗମାନଙ୍କ କଥାରେ ଆଉ ଦୁଇପେଗ୍ ମାରିଦେଲା । ଏଣୁ ନିଶାଟା ଟିକେ ଜୋରରେ ଧରି ନେଇଛି । ଲେମ୍ବୁ ପାଣି ଆଣି ଚଟାଇ ଦିଅନା ସବୁ ଠିକ୍ ହୋଇଯିବ ।

ବର ବାପାଙ୍କର ଏମିତି ମନ୍ତବ୍ୟରେ ମୋ ଦେହଟା ଚାଉଁ ଚାଉଁ କରି ଜଳିଗଲା । ମନେ ହେଉଥିଲା କହିଦିଅନ୍ତି-ଏହା କଣ ତୁମ ଘରର ଖାନଦାନି? ଏହି ପାଠ ପଢି ଏମିତି ଆଧୁନିକ ସଭ୍ୟତାରେ ଅଭ୍ୟସ୍ତ ହୋଇଛ । କିନ୍ତୁ ସୌଜନ୍ୟ ଦୃଷ୍ଟିରୁ କିଛି କହିପାରିଲି ନାହିଁ । ଲେମ୍ବୁ ପାଣି ଆଣି ଅଭୟବାବୁଙ୍କୁ ଚଟାଇ ଦେଲି । କିଛି ସମୟ ପରେ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିଲା, ଆଖି ମିଟି ମିଟି କରି ଚାହିଁଲେ । ମୁଁ କହିଲି ଅଭୟ ବାବୁ ଏଥର ଉଠ,କନ୍ୟା ସେ ଚେଣେ ଆପଣଙ୍କୁ ବେଦିରେ ଅପେକ୍ଷା କରି ବସିଛି । ହାତ ଗଣ୍ଠି ବେଳ ଗଡିଯାଉଛି । ଅଭୟ ବାବୁ ଅଭୟ ବାଣି ଶୁଣାଇଲା ପରି କହିଲେ-ସମସ୍ତେ ବେଦିରେ ବସି ବାହାହୁଅନ୍ତି, ମୁଁ କିନ୍ତୁ ଆଜି ଏହିଘରେ ବସି ବାହା ହେବି । ହାତ ଗଣ୍ଠି ପାଇଁ କନ୍ୟାକୁ ଏଠାକୁ ନେଇଆସ । I want to break all the old tradition . ମୋ ପାଟିରୁ ବାହାରି ପଡିଲା shut-up.

ସେଠାରୁ ଫେରି ଦେଖିଲି ଚୋରକୁ ପୋଲିସ୍ ଫୌଜ ଘେରି ଛିଡା ହେଲା ପରି ଅରୁ ଅପାର ବାପା ବୋଉ ତଥା ଅନେକ ଆତ୍ମୀୟ ସ୍ୱଜନ ଅରୁ ଅପାକୁ ଘେରି ଛିଡା ହୋଇଛନ୍ତି । ହରି ଜେଜେଇ ବୁଝାଉଥାନ୍ତି, ମୋ ସୁନା ଝିଅଟା ପରା, ଅବୁଝା ନ ହୋଇ ମୋ କଥା ମାନିଯା, ପିଲାଟା ମଦୁଆ ନୁହେଁ, ହୁଏତ ସାଙ୍ଗ ମେଳରେ ଟିକେ ପିଇ ଦେଇଛି । ରାତି ଅଧରେ ତୋ ପାଇଁ ସ୍ୱଜାତିର ଉପଯୁକ୍ତ ପିଲାଟିଏ ପାଇବି କୋଉଠୁ? ତୁ ସେ ମଙ୍ଗୁଳା ହୋଇ ସାରିଛୁ । ବାହାନହେଲେ ସବୁଦିନ ସମାଜରେ ବାସନ୍ଦ ହୋଇ ରହିଯିବୁ, ତୋ ବାହାଘର ପାଇଁ ଜମି ବିକ୍ରି କରି ବରବାପାକୁ ନଗଦ ପଚାଶ ହଜାର ଟଙ୍କା ସହ ଅନେକ ଜିନିଷ ତାଙ୍କ ଘରେ ଆଗତୁରା ପହଞ୍ଚାଇ ଆସିଛି । ଆଜିକାଲି କିଏ ନପିଉଛି? ବିବାହ ପରେ ଦେଖିବୁ ସେ ସୁଧୁରି ଯିବ ।

ଅରୁଅପା କହୁଥାଏ-ବାପା, ଆପଣମାନେ ଯାହାଭାବନ୍ତୁ ପଛେ ଏମିତି ଏକ ମଦୁଆ ଯୁବକକୁ ମୁଁ ବିବାହ କରି ସୁଖି ହୋଇପାରିବି ନାହିଁ । ଉଚ୍ଚଶିକ୍ଷିତ ହୋଇଗଲେ ମଣିଷର ଆଚାର ବ୍ୟବହାର ବଦଳିଯାଏ ବାପା । ଗୋଟିଏ ଦେଶି ବୁଲାକୁକୁର କୁ ଘରେ ବାନ୍ଧିରଖି ପ୍ରତିଦିନ ସୁମିଷ୍ଟ ଖାଦ୍ୟ ଖାଇବାକୁ ଦେଲେବି ସେ ତାର ସହଜାତ ପ୍ରବୃତ୍ତି ଅଇଁଠାପତ୍ର ଚାଟିବା ଅଭ୍ୟାସକୁ ପାଶୋରି ପାରେ ନାହିଁ । ଆପଣମାନେ କଣେ ଚରିତ୍ରବାନ ଦିନ ମଜୁରିଆ ହାତରେ ମୋତେ ଛନ୍ଦି ଦିଅନ୍ତୁ ମୁଁ ଖୁସିହେବି । ହେଲେ ଏମିତି ଚରିତ୍ର ହୀନ ମଦୁଆ ହାତରେ ମୋତେ ଟେକି ଦିଅନ୍ତୁ ନାହିଁ । ବିବାହ ପରେ ମୋର ଦୀର୍ଘଭବିଷ୍ୟତ ନିର୍ଭର କରୁଛି ମୋର ଦାମ୍ପତ୍ୟ ଜୀବନ ଉପରେ । ବିବାହ ରାତ୍ରିରେ ଯେଉଁ ଯୁବକ ମଦପିଇ ଚେତାଶୂନ୍ୟ ଭାବେ ଶ୍ୱଶୂର ଘରେ ପଡିରହେ ସେ ଇଂଜିନିୟର ହେଉ ବା ସ୍ୱର୍ଗର ଦେବତା ହେଉ, ସେ ପୁରୁଷ ନାରୀର ମନଲାଖି ନୁହେଁ, ବରଂ ଏମିତି ଆଜୀବନ ଅବିବାହିତା ହୋଇ ରହିଯିବି,

ମଶାରି ଟଣା ଯାଇଛି । ଏତେ ସତର୍କତା ସତ୍ତ୍ୱେବି ମଶା କୋଠରୀ ମଧ୍ୟକୁ ପ୍ରବେଶ କଲା କିପରି? ରାତିରେ ଶାନ୍ତିରେ ଟିକିଏ ଶୁଆଇ ନଦେବା ପାଇଁ ବିରୋଧୀ ଦଳଙ୍କର ଏହା ହୀନ ଚକ୍ରାନ୍ତ ନୁହେଁ ତ?

ଭାବନାକୁ ପ୍ରତିହତ କରି ଏଥର ମଶା ମନ୍ତ୍ରୀଙ୍କର ପୃଷ୍ଠ ଦେଶରେ ଜୋର କରି ଦଂଶନ କଲା, ଯେଉଁଠିକି ଚାପୁଡ଼ା ମାରିବାକୁ ହାତ ପାଇବ ନାହିଁ । ଅତିମାତ୍ରାରେ ମନ୍ତ୍ରୀ ଅତିଷ୍ଠ ହୋଇ ଉଠିଲେ । ମନେ ମନେ ଭାବିଲେ ଶାନ୍ତିରେ ଶୋଇବାକୁ ହେଲେ କିଛି ସମୟ ପାଇଁ ମଶା ସହିତ ସାଲିସ୍ କରିବାକୁ ହେବ । ଯେମିତି ବିଧାନ ସଭାରେ ବିଲ ପାଶ୍ ବେଳେ ବିରୋଧୀ ଦଳଙ୍କୁ ବଶ କରିବାକୁ ପଡ଼ିଥାଏ ।

ମନ୍ତ୍ରୀ କହିଲେ ! "ହେ ମଶକ ରାଜ" । ଯାହା ଜଣା ପଡୁଛି ତୁମେ ସାମାନ୍ୟ ମଶକ ନୁହଁ । ମୋତେ ଦଂଶନ କରି ଅତିଷ୍ଠ କରିବାର ଉଦ୍ଦେଶ୍ୟ କଣ ? ନାଳ ନର୍ଦ୍ଦମା ପୂର୍ଣ୍ଣ ବାଲେଶ୍ୱର, କଟକ, ପୁରୀ ଯାହାକି ତୁମର ଜନ୍ମ ଓ କର୍ମସ୍ଥାନ ତାକୁ ପରିତ୍ୟାଗ କରି ଏ ବଣ ଜଙ୍ଗଲ ଘେରା ମେଘାସନୀ ଡାକ ବଙ୍ଗଳାରେ ଆଜି ଉପସ୍ଥିତ କାହିଁକି ?

ଗୁଣୁ ଗୁଣୁ କରି ମଶା କହିଲା... ହେ ମହାମାନ୍ୟ ମନ୍ତ୍ରୀ ମର୍ଦ୍ଦରାଜ, ତୁମ ନିକଟରେ କିଛି ଅଭିଯୋଗ ଜଣାଇବାକୁ ଆସିଥିଲି । ମାତ୍ର ମୋ ଅଭିଯୋଗ ନଶୁଣି ମଦ ନିଶାରେ ଆଶକ୍ତ ହୋଇ ଶୋଇ ପଡ଼ିବାରୁ ତୁମକୁ କାମୁଡ଼ି କାମୁଡ଼ି ଉଠାଇବାକୁ ଚେଷ୍ଟା କରୁଥିଲି ।

"ତୁମର କି ଅଭିଯୋଗ ମଶକ ରାଜ ? କୁଣ୍ଠିତ ନହୋଇ ମନ ଖୋଲି କୁହ ତୁମର ଅଭିଯୋଗ । ଯଦି ମୋ ଦ୍ୱାରା ସମ୍ଭବ ନିଶ୍ଚୟ ପୁରଣ କରିବି ।"

ମଶା କହିଲା..."ମହାଭାଗ! ତିନିଦିନ ହେଲା ମୋ ଭୋକିଲା ପେଟରେ ଟୋପେବି ମଣିଷ ରକ୍ତ ପଶିନାହିଁ । ଲୋମଯୁକ୍ତ ପଶୁଙ୍କ ଦେହରୁ ରକ୍ତ ଶୋଷିବା କଷ୍ଟକର ।"

ମନ୍ତ୍ରୀ କହିଲେ... ମୁଁ ଘରୋଇ ଓ ଯୋଗାଣ ବିଭାଗର ମନ୍ତ୍ରୀ । ଆଇନ୍ କାନୁନ୍‌ର ସୁରକ୍ଷା ସହ ଚାଉଳ ଅଟା ଚିନି କିରୋସିନି ଭଳି ଅତ୍ୟାବଶ୍ୟକ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ଯୋଗାଇବା ମୋ ବିଭାଗର କାମ । ରକ୍ତ ଯୋଗାଇବା ମୋ ବିଭାଗର କାମ ନୁହେଁ । ଯଦି ମଣିଷ ରକ୍ତ ଦରକାର କରୁଛ ତେବେ ଏହି ଡାକ ବଙ୍ଗଳାର ଆଖପାଖରେ ଅନେକ ଆଦିବାସୀ ସାନ୍ତାଳ ବସ୍ତି ଅଛି, ଯେଉଁଠାରେ ଲୋକମାନେ ଚାଉଳି ମହୁଲି ପିଇ ମଦ ନିଶାରେ ଅନାବୃତ୍ତ ଶରୀରରେ ଗଛମୂଳରେ, ରାସ୍ତା କଡରେ, ଘର ବାରଣ୍ଡାରେ ଶୋଇ ଯାଇଥିବେ, ସେଠାକୁ ଯାଇ ସେମାନଙ୍କର ସୁ କୁଳା ଦେହରେ ଶୁଣ୍ଢ ପୁରାଇ ମନଇଚ୍ଛା ରକ୍ତ ଶୋଷଣ କରି ତୁମର ଭୋକିଲା ଉଦର ପୂର୍ଣ୍ଣ କରି ପାରିଥାନ୍ତ । ଏହା ନକରି ରାତ୍ରିରେ ମୋ ସୁଖ ନିଦ୍ରାରେ ବ୍ୟାଘାତ ଘଟାଇବା ତୁମର ଉଚିତ୍ ହୋଇଛି କି?

ମଶା ଏଥର ଉତ୍ତେଜିତ କଣ୍ଠରେ କହିଲା ! "ଆପଣ କହିବା ପୂର୍ବରୁ ମୁଁ ରାଜ୍ୟର ସମସ୍ତ ଗ୍ରାମ, ନଗର, ବସ୍ତିଠାରୁ ଆରମ୍ଭ କରି ହରିଜନ ଗିରିଜନ ଏପରିକି ସବର୍ଣ୍ଣ ଶ୍ରେଣୀର ସମସ୍ତ ଗରିବ ଓ ଭୋକିଲା ମଣିଷଙ୍କ ଦେହରେ ମୋ ଶୁଣ୍ଢ ପୁରାଇ ରକ୍ତ ଶୋଷିବାକୁ ଚେଷ୍ଟା କରିଛି, ହେଲେ ବିଫଳ ହୋଇଛି । ସେମାନଙ୍କ ଦେହରେ ଟୋପେ ହେଲେ ରକ୍ତ ନାହିଁ । ପାଣି ଖାଲି ପାଣି; ତେଣୁ ଆପଣଙ୍କ ନିକଟକୁ ଆସିଛି ଅଭିଯୋଗ କରିବାକୁ, ଯେହେତୁ ଆପଣ ଯୋଗାଣ ବିଭାଗର ମନ୍ତ୍ରୀ। ସମସ୍ତଙ୍କୁ ନିଜର ଆବଶ୍ୟକ ପଦାର୍ଥ ଯୋଗାଇବା ଆପଣଙ୍କର କର୍ତ୍ତବ୍ୟ ।"

"ମିଛ ମିଛ, ବିରୋଧୀ ଦଳଙ୍କ ପରି ତୁମେ ଡାହା ମିଛ କହୁଛ । ରକ୍ତ ବିନା ମଣିଷ କଣ ବଞ୍ଚିବା ସମ୍ଭବ ?"

ମୁଁ ଆଦୌ ମିଛ କହୁନି । ଯାହା ଦେଖିଲି ଓ ଅନୁଭବ କଲି ତାହା କହିଲି । ଆପଣଙ୍କ ପରି ଶାସକ ବର୍ଗ ସେମାନଙ୍କ ଦେହରୁ ସମସ୍ତ ରକ୍ତ ଶୋଷଣ କରି ନିଃଶେଷ କରିଦେଇଛନ୍ତି । ଆମ୍ଭମାନଙ୍କ ପରି ରକ୍ତ ଶୋଷଣ କରି ଜୀବନ ବିତାଉ ଥିବା କୀଟ ପତଙ୍ଗ ପାଇଁ ଟୋପାଏବି ରକ୍ତ ରଖି ନାହାନ୍ତି । ଏଣୁ ଆଜି ଆପଣଙ୍କ ଦେହର ସୁସ୍ୱାଦ ତାଜା ରକ୍ତ ଶୋଷଣ କରି ଭୋକିଲା ପେଟ ପୁରଣ କରିବି ବୋଲି ଶପଥକରିଛି ।

ମନ୍ତ୍ରୀ କହିଲେ... "ତୁମେ କେଉଁ ଦଳର ପ୍ରତିନିଧି ?"

ମଶା କହିଲା... "ମୁଁ ଶାସିତ ଓ ଶୋଷକ ଦଳର ଦଳପତି ।"

"ତୁମର ଏ ଅଭିଯୋଗ ବିଧାନ ସଭାରେ ଉତ୍ଥାପନ କରିବାର ଥିଲା ।"

"ବିଧାନସଭା ଦିନବେଳା ବସୁଥିବାରୁ ସେଠାକୁ ଯିବା ମୋ ପକ୍ଷରେ ସମ୍ଭବ ନୁହେଁ, କାରଣ ଆମେ ନିଶାଚର ।" "ଶାସକ ଦଳ କଣ ଏକା ଶୋଷଣ କରୁଛନ୍ତି ? ବିରୋଧୀ ଦଳ ଶୋଷଣ କରୁ ନାହାନ୍ତି ?

ଶାସକ ଦଳ ବିରୋଧୀ ଦଳ ସହାୟତାରେ ଶୋଷଣ କରିଥାଏ । ତେବେ ସେମାନଙ୍କର ଦେହରୁ ରକ୍ତ ଶୋଷଣ ନକରି ମୋ ଦେହରୁ ରକ୍ତ ଶୋଷଣ କରିବାର ଅଭିପ୍ରାୟ? ତୁମେ ଜାଣ କେତେ ପରିମାଣରେ ପୁଷ୍ଟିକର ଖାଦ୍ୟ ଖାଇଲେ ଦେହରେ ଟୋପେ ରକ୍ତ ତିଆରି ହୁଏ? ।"

ମଶାକହିଲା! "ଗଣତନ୍ତ୍ର ଦେଶରେ ସମସ୍ତଙ୍କର ସମାନ ଅଧିକାର । ତୁମ୍ଭେମାନେ ଯେମିତି ଶାସିତ ମାନଙ୍କୁ ଶୋଷଣ କରି ନିଃଶେଷ କରି ଦେଇଛ, ଆମ୍ଭେମାନେ ସେମିତି ତୁମ୍ଭମାନଙ୍କୁ ଶୋଷି ଶୋଷି ଶେଷ କରିଦେବୁ । ସେ ଶାସକ ଦଳ ହୁଅନ୍ତୁ ବା ବିରୋଧୀ ଦଳ ହୁଅନ୍ତୁ, ଆମ କବଳରୁ କାହାରି ମୁକ୍ତି ନାହିଁ । ମୁଁ ଏକା ନୁହେଁ ଆମ ମଶା ଜାତି ରକ୍ତ ଶପଥନେଇଛି ଯିଏ ଗରିବର ରକ୍ତ ଶୋଷଣ କରିବ ଆମେ ତା ରକ୍ତ ଶୋଷଣ କରି ଶେଷ କରିଦେବୁ ।

ତୁମେ ତାହେଲେ ବିରୋଧୀ ଦଳର ମଶକ ନୁହଁ? ମାଲକାନଗିରି ଅଞ୍ଚଳର ନକ୍ସଲପନ୍ଥିଙ୍କର ମଶା? ମାଲକାନଗିରି ମାଳ ଅଞ୍ଚଳରୁ ଆସି ଓଡ଼ିଶାର ମଧ୍ୟଭାଗରେ ଥିବା ମେଘାସନ ପାହାଡ଼ର ନିଘଞ୍ଚ ଅରଣ୍ୟରେ ମାନେ ଶିମିଳିପାଳ ଜୈବ ମଣ୍ଡଳ ଜଙ୍ଗଲରେ ଆଶ୍ରୟ ନେଇଛ ? ମନେରଖ ଗୃହ ଓ ଯୋଗାଣ ବିଭାଗ ମୋ ହାତରେ ଅଛି । ଆସନ୍ତା କାଲି ପୋଲିସ ଫୋର୍ସ ପଠାଇ ତୁମକୁ ନିପାତ କରିଦେବି । ଆଇମିନ୍ ମଶାମରା ଔଷଧ ସିଞ୍ଚନ କରି ତୁମ ବଂଶ ସଫା କରିଦେବି । ଯଦି ବେଶି କିଛି କରିବାକୁ ଚେଷ୍ଟା କରିବତ ମୋ ଶୋଇବା ଗଦି ତଳେ ହଲାଣ୍ଡ ତିଆରି ପିସ୍ତଲ ଅଛି, ଯେଉଁଥିରେ ବାରଟିଗୁଳି ଜୀବନ୍ତ । ମୋ ଆଡ଼କୁ ଏ ଅନ୍ଧାରରେ ଦଂଶନ କରିବାକୁ ଅଗ୍ରସର ହେଲେ ତୁମକୁ ଗୁଳି କରି ଉଡ଼ାଇ ଦେବି ।

ମଶା ଏଥର ଜୋରରେ ଗୁଣୁ ଗୁଣୁ ହୋଇ ଉଠିଲା । ସତେ ଯେମିତି ମନ୍ତ୍ରୀଙ୍କର ମନ୍ତବ୍ୟକୁ ଅଟ୍ଟହାସ୍ୟ କରୁଛି । ବଡ଼ ପାଟିରେ କହିଲା..."ମୁ ବାମପନ୍ଥୀ, ଡାହାଣପନ୍ଥୀ, ଉଦାରପନ୍ଥୀ କି ନକ୍ସଲପନ୍ଥୀଙ୍କର ସମର୍ଥକ ନୁହେଁ । ସେ ସବୁ ପନ୍ଥୀଙ୍କର ପନ୍ଥା ବା ରାସ୍ତା ଆଦୌ ସହଜ କି ସରଳ ନୁହେଁ ନିହାତି କଟିଳ କଣ୍ଟକିତ ଓ ପିଚ୍ଛିଳ ।

ଏଥର ଗଦି ତଳୁ ହଲାଣ୍ଡ ତିଆରି ପିସ୍ତଲଟିକୁ ମନ୍ତ୍ରୀ ମର୍ଦ୍ଦରାଜ ଡହାଣ ହାତରେ ମୁଠାଇ ଧରିଲେ । "କହିଲେ- ଦେଖ ମଶକ ରାଜ! ଆଉଥରେ କହୁଛି ମୋ ଶୟନ କକ୍ଷ ପରିତ୍ୟାଗ କରି ଭଲରେ ଭଲରେ ବାହାରକୁ ବାହାରି ଯାଅ । ଯଦି ମୋ ଆଦେଶ ଅମାନ୍ୟ କରି ମୋତେ ପୁଣି ଦଂଶନ କରିବାକୁ ଅପଚେଷ୍ଟା କର ତେବେ ମୋ ହାତରେ ଧରିଥିବା ପିସ୍ତଲ ନିଶ୍ଚିତ ଭାବରେ ତୁମକୁ ଧରାଶାୟୀ କରିବାକୁ ତିଳେ ହେଲେ କୁଣ୍ଠିତ ହେବ ନାହିଁ ।"

ମଶା କହିଲା...ପିସ୍ତଲର ଗୁଳି ମଣିଷ ପଶୁପକ୍ଷୀଙ୍କର ଶରୀର ଭେଦ କରିବା ପାଇଁ ଉଦ୍ଦିଷ୍ଟ, କୀଟ ପତଙ୍ଗର ଶରୀର ଭେଦ କରି ପାରିବ ନାହିଁ । ତୁମ ଗୁଳି ମୋ ଦେହରେ ବାଜିବା ପୂର୍ବରୁ ତୁମପାଇଁ ବୁମେରାଂ ପାଲଟି ଯାଇଥିବ । ମୁଁ ଶପଥକରିଛି ଆଜି ତୁମ ଦେହର ସମସ୍ତ ରକ୍ତ ଶୋଷଣ କରି ଶେଷ କରିଦେବି । ଏହା କହିବା ମାତ୍ରେ ମନ୍ତ୍ରୀଙ୍କର ବାମ ହାତ ପାପୁଲି ଉପରି ଭାଗରେ ନିଜ ଶୁଣ୍ଢ ପୁରାଇ ମେଞ୍ଚାଏ ତାଜା ରକ୍ତ ଶୋଷିନେଲା । କହିଲା... ଆହା ଏମିତି ଲୁଣି ଯୁକ୍ତ ସୁସ୍ୱାଦୁ ମଣିଷ ରକ୍ତ ବହୁ ଦିନ ଧରି ପିଇବାକୁ ପାଇ ନଥିଲି ।

ମନ୍ତ୍ରୀଙ୍କର ଡାହାଣ ହାତରେ ଥିବା ହଲାଣ୍ଡରେ ତିଆରି ପିସ୍ତଲର ଗୁଳି ଅନ୍ଧକାର ଭେଦ କରି ବାମହାତ ପାପୁଲିରେ ବସିଥିବା ମଶାକୁ ଲକ୍ଷ୍ୟ କରି ଠୋ କରି ଗର୍ଜି ଉଠିଲା । ମଶା ଦେହରେ ଗୁଳି ବିଦ୍ଧ ହେବା ପରିବର୍ତ୍ତେ ମନ୍ତ୍ରୀଙ୍କର ବାମ ହାତ ପାପୁଲି

ଭେଦ କରି ନିକଟସ୍ଥ ପକା କାଛରୁ ମେଞ୍ଚାଏ ଚୁନ ମିଶା ମେଞ୍ଚାଏ ସିମେଣ୍ଟ ଖସାଇ ପକାଇଲା । ହେଲେ ମଶା ବଡ଼ ଚତୁରତାର ସହ ଉଡ଼ି ଯାଇଥିଲା ଦୂରକୁ ।

ଗୁଳି ଶବ୍ଦ ଶୁଣି ତଳମହଲାରେ ବିଶ୍ରାମ ନେଉଥିବା ପି.ଏ. ମଣିଶଙ୍କର, ଚୌକିଦାର ଗୋବରାମାଝି, ଡ୍ରାଇଭର ଉତ୍ତମ କେନା ମନ୍ତ୍ରୀଙ୍କର ପ୍ରକୋଷ୍ଠରେ ପହଞ୍ଚି ଗଲେ ।

ଦେଖିଲେ ମନ୍ତ୍ରୀଙ୍କର ବାମହାତ ପାପୁଲି ଗୁଳି ମାଡ଼ରେ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି । ଡନ୍‌ଲପ୍ ଗଦି ଓ ଘରର ଚଟାଣ ରକ୍ତରେ ରଂଜିତ । ହେଲେ ସେଥିପ୍ରତି ମନ୍ତ୍ରୀଙ୍କର ଆଦୌ ଭ୍ରୂକ୍ଷେପ ନାହିଁ । ଡାହାଣ ହାତରେ ପିସ୍ତଲକୁ କାବୁଡ଼ି ଧରି ଶୂନ୍ୟ ଛାତକୁ ଅନାଇ କାହାକୁ ଗୁଳି ମାରିବା ପାଇଁ ଲକ୍ଷ୍ୟ କରୁଛନ୍ତି ।

"ମଣିଶଙ୍କର ଟିକେ ଜୋରରେ ଡାକିଲେ- ସାର୍ !" ମନ୍ତ୍ରୀ ପ୍ରକୃସ୍ଥିତ ହେଲେ । କିଛି କ୍ଷଣ ପାଇଁ ମଣିଶଙ୍କରଙ୍କୁ ଅନାଇଲେ । ପରେ ପରେ ଆହାତ ବାଘ ପରି ଗର୍ଜନ କରି କହିଲେ... "ଗୋ- ବ- ରା- ମାଝି ଆଜି ଜଗୁଆଳି କାମ ଠିକ୍ ଭାବରେ କରିଛୁତ ?"

ଗୋବରା ମୁହଁ ତଳକୁ କରି କହିଲା- "ଦୀର୍ଘ କୋଡ଼ିଏ ବର୍ଷ ଧରି ଗୋବରା କେବେ ତା କାମରେ ଅବହେଳା କରିନାହିଁ ସାର୍ ।"

"ଚୁପ ରହ ବଦମାସ୍ । ଅବହେଳା କରି ନାହୁଁତ ଡାକବଙ୍ଗଳା ପାଚେରି ଡ଼େଇଁ ନକ୍‌ସଲପନ୍ଥିଆ ମଶା ମୋ କୋଠରୀକୁ ପଶିଲା କିପରି ? ସେଥି ପାଇଁ କେତେ ଟଙ୍କା ବିରୋଧୀ ଦଳଙ୍କ ଠାରୁ ଲାଞ୍ଚ ନେଇଛୁ ।"

ଗୋବରା କହିଲା... "ମୁଁ ସିନା ଚୋର ଜଗିବି, ମଶା ମାଛିଙ୍କୁ କିପରି ? କିଟ ପତଙ୍ଗ ପାଇଁ ପ୍ରବେଶ ନିଷେଧ ନାହିଁତ ।"

ମନ୍ତ୍ରୀ କହିଲେ... "ଚୋରଠାରୁ ଚାକର ପର୍ଯ୍ୟନ୍ତ ମଶା ଠାରୁ ମୂଷା ପର୍ଯ୍ୟନ୍ତ ଓ ମନ୍ତ୍ରୀଙ୍କଠାରୁ ମାମଲାତ୍‌କାର ପର୍ଯ୍ୟନ୍ତ ସମସ୍ତଙ୍କୁ ଜୋର ଜଗିବା ଦରକାର । ମୋ ମୁହଁରେ ଠିଆ ହୋଇ ମୋତେ ପୁଣି ଜବାବ ଦେଉଛୁ ?"

ପି.ଏ. ମଣିଶଙ୍କରଙ୍କୁ ଡାକି କହିଲେ... "ଚିଠି ଶୀଘ୍ର ଟାଇପ୍ କର । କର୍ତ୍ତବ୍ୟରେ ଅବହେଳା ପାଇଁ ଗୋବରା ମାଝୀକୁ ମୁଁ ବର୍ତ୍ତମାନ ଏହିଠାରେ ବରଖାସ୍ତ କଲି । ଏ ଶଳା ହେଉଛି ନକ୍‌ସଲ୍‌ପନ୍ଥିଙ୍କର ଅସଲ ଦଳପତି ।"

"ହଁ ଆଜି ଡ଼ାକ ବଙ୍ଗଳାର ରାତି ଡିୟୁଟିରେ ଥିବା ପୋଲିସ ସବ୍‌ଇନିସ୍‌ପେକ୍ଟର ଓ କନେଷ୍ଟବଳଙ୍କୁ ତାଙ୍କ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବିତ କଲି । ହଁ ଫୋନ୍ କରି ଡ଼ି.ଜି.ଙ୍କୁ ଜଣାଇଦିଅ ଯେ ଯଥାଶିଘ୍ର ପୋଲିସ ଫୋର୍ସ ଧରି ମେଘାସନୀ ଡାକବଙ୍ଗଳାରେ ପହଞ୍ଚି ମେଘାସନ ପର୍ବତ ପାଦଦେଶରେ ଥିବା ସମସ୍ତ ଛୋଟ ବଡ଼ ଜଙ୍ଗଲ ଘେରାଓ କରି ବିଶାକ୍ତ ବାଷ୍ପ ପ୍ରୟୋଗ କରି ବଣୁଆ ନକ୍‌ସଲ୍‌ପନ୍ଥିଆ ମଶା ବଂଶ ନିପାତ କରନ୍ତୁ ।"

ଡ୍ରାଇଭର ଉତ୍ତମ କେନାଙ୍କୁ ଆଦେଶ ଦେଲେ ଶିଘ୍ର ଗାଡ଼ି ବାହାର କର, "ମୁଁ ବର୍ତ୍ତମାନ ବାରିପଦା ସଦର ହସ୍‌ପିଟାଲରେ ଏଡ଼ମିସନ୍ ହେବି ।"

ତାପରଦିନ ସକାଳେ ଓଡ଼ିଶାର ସମସ୍ତ ପ୍ରମୁଖ ଖବର କାଗଜର ପ୍ରଥମ ପୃଷ୍ଠା ମଣ୍ଡନ କରି ମନ୍ତ୍ରୀ ମର୍ଦ୍ଦରାଜଙ୍କ ଫଟୋ ସହ ବଡ଼ ବଡ଼ ଅକ୍ଷରରେ ସମ୍ବାଦ ପ୍ରକାଶିତ ହେଲା । "ନକ୍‌ସଲପନ୍ଥିଙ୍କ ଗୁଳି ମାଡରେ ଗୃହ ଓ ଯୋଗାଣ ମନ୍ତ୍ରୀ ମଦନ ମର୍ଦ୍ଦରାଜ ଗୁରୁତର ଆହତ । ବାରିପଦା ସଦର ହସ୍ପିଟାଲରେ ଚିକିତ୍ସାଧୀନ । କର୍ତ୍ତବ୍ୟରେ ଅବହେଳା ଯୋଗୁଁ ମେଘାସନୀ ଡାକବଙ୍ଗଳାର ଚୌକିଦାର ଗୋବରା ମାଝି କାର୍ଯ୍ୟରୁ ଅନ୍ତର । ଡିୟୁଟିରେ ଅବହେଳା ଯୋଗୁଁ ଦୁଇଜଣ ପୋଲିସ୍ କର୍ମଚାରୀ ଚାକିରୀରୁ ନିଲମ୍ବିତ ।"

ଯୋଗାଯୋଗ-

ପଦାଗାଁ, ଖନ୍ତାପଡ଼ା, ବାଲେଶ୍ୱର

*With Best Compliments from :*

IATO

RECOGNISED BY GOVERNMENT OF INDIA

ASTA

# LOTUS TRANS TRAVEL PVT. LTD.

**INDIA HEAD OFFICE :** 6 A & B, Gopala Tower, 25, Rajendra Place, New Delhi-10008 (India)
Tel. : 91-11-25735073, 25718125, 25766559 Fax : 91-11-25751960, 25763281
E-mail : lotus@del3.vsnl.net.in Website : www.lotustranstravels.com

**TOKYO OFFICE :** 1206, Daichi Katsuragi Building, 2-Chome, 5-23 Takadanobaba
Shinjuku-ku, Tokyo, T169 Japan • Tel. : 03-3207-7042 Fax : 03-3207-7043

**With Best Compliments from :**

**Pawan Bansal** **Kamal Bansal**

**BANSAL**

# BANSAL SALES CORPORATION

DEALERS & SUPPLIERS OF :
All Kinds of Button & Export Garment Accessories
Mfrs. of : METAL BUTTON & ZIPPERS

5405, A-10, 1st Floor, Pratap Market, Sadar Bazar, Delhi - 10006
Phone : (O) 23556092, 23557910 (R) 23816256, 65153924
Mobile : 9810034493, 9871611002 E-mail : bansalsalesco@rediffmail.com

# ଆତ୍ମଗ୍ଲାନି ର ବୋଝ

ଏହା ଭିତରେ ପାଞ୍ଚ ବର୍ଷ କେତେବେଳେ ବିତିଗଲାଣି ମନେ ନଥିଲା । ବେଶ୍ କିଛିଦିନ ଧରି ନିଜ ଘରେ ବୀଥିକାର ଅଜ୍ଞାତ ବାସ । ଘରୁ ବାହାରି ପାରୁ ନଥିଲା କି କାହାରି ସହ ମିଶିପାରୁ ନଥିଲା । ଘରର କୁଣିଆ. ବନ୍ଧୁ. ବାନ୍ଧବ ସମସ୍ତଙ୍କ ଠାରୁ ମୁହଁ ଫେରାଇ ଏକା ଏକା ବଞ୍ଚିବାର ଅଭ୍ୟାସ କରୁଥିଲା । ସମୟ ବିତାଇବା ପାଇଁ ବହିକୁ କରିନେଇଥିଲା ଏକାନ୍ତ ନିଜର । ଏହି ପଢ଼ିବା ଭିତରେ କେତେବେଳେ ସେ ଲେଖିକାଟିଏ ହୋଇଗଲା, ସେକଥା ନିଜେବି ଜାଣି ପାରୁନଥିଲା । ବୋଧହୁଏ ଯନ୍ତ୍ରଣା ଭିତରୁ ସେ ପାଇଯାଇ ଥିଲା ତା ବଂଚିବାର ମାଧ୍ୟମ । ପଢ଼ାଲେଖା ଭିତରେ ନିଜକୁ ହଜାଇ ଦେଇ ସେ ପାଇଥିଲା ପାଠକ ମନଙ୍କଠାରୁ ଅନେକ ଅନେକ ପ୍ରଶଂସା ପତ୍ର । ନିଜ ଗୋଡରେ ଠିଆ ହେବାର ଏକ ବଳିଷ୍ଠ ମାଧ୍ୟମ ଖୋଜିଥିଲା ସେ. ଯାହାକୁ ପାଥେୟ କରି ସାରାଜୀବନ ବାଟ ଚାଲିବ । ଚେଷ୍ଟା ଓ ପରିଶ୍ରମର ଫଳ ମଧ୍ୟ ତାକୁ ମିଳିଥିଲା । ଓ.ଇ.ଏସ୍ ପାଇ ନିଜ ଗୋଡ଼ରେ ଠିଆ ହେବାର ଆନନ୍ଦରେ ସେ ଭୁଲି ଯାଇଥିଲା ତାର ଅତୀତକୁ ।

ଏଇ ଭାବନା ମଧ୍ୟରେ ସେ ହାତ ଘଡିକୁ ଚାହିଁଲା । ତାପରେ ସମୟ ଦେଖି ବ୍ୟସ୍ତ ହୋଇ ପଡିଲା । ତାକୁ ଭୁବନେଶ୍ୱରରେ ଠିକ୍ ସମୟରେ ପହଞ୍ଚିବାକୁ ପଡିବ । ଏବର୍ଷ ଆୟୋଜିତ ପୁସ୍ତକ ମେଳାରେ ସେ ପୁରସ୍କୃତ ହେବ । ତା ବହିର ପ୍ରକାଶକ ତାକୁ ଫୋନ୍ କରି ଏ ବିଷୟରେ ସଚେତନ କରିବା ସହିତ ଅୟୋଜକଙ୍କ ଠାରୁ ନିମନ୍ତ୍ରଣ ପତ୍ର ବି ତାକୁ ମିଳିସାରି ଥିଲା । ଅନେକ ଭାବିଚିନ୍ତି ସେ ଯିବାର ନିଷ୍ପତ୍ତି ଗ୍ରହଣ କରିସାରିଥିଲା । ସମସ୍ତଙ୍କ ଆଗରେ ହାସ୍ୟାସ୍ପଦ ହେବା ପରେ ଯେଉଁ ଲେଖା ଦ୍ୱାରା ସେ ସମୟ ସହିତ ପାଦ ଦେଇ ଚାଲିଲା. ଅଦମ୍ୟ ସାହାସ ତା ଭିତରେ ସଂଚିତ ହୋଇଗଲା । ଆଉ ଏଇ ଲେଖାହିଁ ଅମାବାସ୍ୟାର ଅଥଳ ଅନ୍ଧାର ଭିତରୁ ତାକୁ ସାମାନ୍ୟ ଆଲୁଅକୁ ନେଇଆସି ଥିଲା । ଆଜି ତାର ଲେଖା ପାଇଁ ପାଉଥିବା ମାନପତ୍ର ଆଣିବାକୁ ସେ ପଛାଇଥାନ୍ତା କିପରି ? ଯଦି ପୁରୀରୁ ଭୁବନେଶ୍ୱର ବେଶି ଦୂର ନୁହେଁ. ତଥାପି ସେ ଶୀଘ୍ର ଯିବାପାଇଁ ନିଜକୁ ପ୍ରସ୍ତୁତ କରୁଥିଲା । ପିଅନ୍‌ର ମ୍ୟାଡାମ୍ ଡାକରେ ସେ ତରବର ହୋଇ ଘ‌ରେ ତାଲା ପକାଇ ବାହାରିଗଲା । ସ୍କୁଲ ଗେଟ୍ ପଖରେ ଅଟକିଥିବା ଅଟୋରେ ଚୁପ୍ ଚାପ୍ ବସିପଡିଲା ।

ଭୁବନେଶ୍ୱର ବସ୍‌ଷ୍ଟାଣ୍ଡରେ ଓହ୍ଲାଇ ଏକ ଅଟୋରେ ବସି ପୁସ୍ତକ ମେଳା ସ୍ଥାନକୁ ଯିବାକୁ ନିର୍ଦ୍ଦେଶ ଦେଇଥିଲା ବୀଥିକା । ଏହାଭିତରେ ଭାବନା ମଧ୍ୟରେ ବୁଡିଯାଇଥିଲା ସେ । ଅଟୋ ଚାଳକ " ଦିଦି ଓହ୍ଲାନ୍ତୁ " ଡାକରେ ସେ ଓହ୍ଲାଇ ତାର ପାଉଣା ଗଣିଦେଇ ଆଗେଇ ଚାଲିଲା ପୁସ୍ତକ ମେଳା ଆଡକୁ । ମେଳାରେ ବୁଲୁବୁଲୁ ଅନେକ ପରିଚିତ ଲେଖକ ବଂଧୁଙ୍କ ସହିତ ଦେଖା ହୋଇଥିଲା । କିଛି ବହି କିଣି ସେ ସୁସଜ୍ଜିତ ମଣ୍ଡପ ପାଖକୁ ଯାଇଥିଲା । କେହିଜଣେ ବୀଥିକାକୁ ଅତିଥିଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଆଗଧାଡିରେ ବସାଇ ଦେଇଥିଲେ । ପାଖରେ ବସିଥିଲେ ଜଣେ ଭଦ୍ର ମହିଳା । କୋଳରେ ତାଙ୍କର ଦେଢ଼. ଦୁଇ ବର୍ଷର ଶିଶୁଟି ମା କୋଳରେ ବସିବାକୁ ଅସ୍ତବ୍ୟସ୍ତ କରୁଥିଲ ।ଶିଶୁଟି ଆଉ ଭଦ୍ର ମହିଳାଙ୍କର ଅକଟକୁ ଭ୍ରୁକ୍ଷେପ ନକରି. ସେଇଆଡେ ଯିବାକୁ ତା ମାକୁ ଠାରୁ ଥିଲା । ବୋଧହୁଏ ଚଞ୍ଚଳ ମତି ପିଲାଟିର ଆଉ ଧର୍ଯ୍ୟ ନଥିଲା ଚୁପ୍‌ଚାପ୍ ବସିବାକୁ ।ବୀଥିକା ପିଲାଟିକୁ ଦେଖିଲାମାତ୍ରେ ତା ମୁହଁଟି ଖୁସି ହୋଇଗଲା ତାର ଦୁଷ୍ଟାମି ଦେଖି । ସେ ବି ତା ସହ ଲାଗୁଥିଲା । କେତେବେଳେ ତାର ହାତ ଯାଇ ପିଲାର ମୁଣ୍ଡକୁ ଆଉଁସି ଦେଉଥିଲା । କାହିଁକି କେଜାଣି ମଝିରେ ଅନ୍ୟମନସ୍କ ହୋଇ ପଡିଥିଲା ସେ । ମାଇକ୍‌ରେ ଅତିଥିମାନଙ୍କୁ ମଞ୍ଚ ଉପରକୁ ସ୍ୱାଗତ୍ କରିବା ଶବ୍ଦରେ ସେ ହଠାତ୍ ଚାହିଁଲା ସେ ଆଡକୁ । ଅତିଥିମାନେ ଜଣକପରେ ଜଣେ ସେଠାରେ ଆସନ ଗ୍ରହଣ କରୁଥିଲେ । ବୀଥିକା ଏଥର ଯାହା ଦେଖିଲା ଶୀତ ଦିନରେବି ତା ଦେହ ଝାଳରେ ଭିଜିଗଲା । ନିଜର ଆଖି କଣ ତାକୁ ଧୋକା ଦେଲାକି ? ଏଇ ଭାବନାରେ ଅସ୍ଥିର ହୋଇ ସେ ବାରମ୍ବାର ଚଷମା କାଚକୁ ପୋଛିଲା । ବ୍ୟାଗ୍‌ରୁ ନିମନ୍ତ୍ରଣ ପତ୍ର ଟିକୁ ବାହାର କଲା । ତାକୁ ଦେଖି ଚମକି ପଡିଲା ସେ । ସେଇ ନାଁ ଆଗରେ ଲାଗିଥିଲା ବିଶିଷ୍ଟ ଲେଖକ । ସେଇ ଲୋକ. ଏ ପୁଣି କିପରି ସମ୍ଭବ? ଯଦିଓ ସେ ନାମ ଉପରେ ଗୁରୁତ୍ୱ ଦେଇନଥିଲା । ଏକା ନାମରେ ଦୁଇଜଣ ଥାଇ ପାରନ୍ତି । ମାତ୍ର ଏକାଭଳି କିପରି ସମ୍ଭବ ? ପିଲାଟି ଏଣେ ବାପା ଡାକି ତା ମା କୁ ବ୍ୟସ୍ତ କରୁଥିଲା । ମା ମଧ୍ୟ ଏଥର ଚୁପ୍ ହୋଇ ବସିପାରୁ ନଥିଲା । ତା ସ୍ୱାମୀଙ୍କୁ ଚିହ୍ନାଇ ଦେଇ ସେ ଶିଶୁଟିକୁ ନେଇ ବାହାରକୁ ଚାଲିଯାଇ ଥିଲେ । ନିମନ୍ତ୍ରଣ ପତ୍ରରୁ ସେ ଯେ ସେଦିନର ମୁଖ୍ୟ ଅତିଥି ତାହା ଜାଣି କିଂ କର୍ତ୍ତବ୍ୟ ବିମୂଢ଼ ହୋଇଗଲା । ପାଞ୍ଚ ବର୍ଷର ଅତୀତ ତା ଆଗରେ ଠିଆ

ହେଲା । ଅଳ୍ପ ସମୟ ପାଇଁ ଦେଖିଥିଲେ ବି ସେ ଠିକ୍ ଚିହ୍ନି ପାରୁଥିଲା ତାଙ୍କୁ । ଯିଏ ତାଙ୍କୁ ଦେଖୁ ଦେଖୁ ହିଁ ପସନ୍ଦ କରିଥିଲେ । ତାଙ୍କର କବିତ୍ୱ ବିଷୟରେ ବୀଥିକା କିଛିଜାଣି ନ ଥିଲେବି ତାଙ୍କ କଥାର ଯାଦୁକାରୀ ସ୍ପର୍ଶରେ ସେ ମୋହିତ ହୋଇଯାଇଥିଲା । ଦୁହେଁ ହଁ କରିବା ପରେ ବିବାହର ଦିନ ସ୍ଥିର ହୋଇସାରି ଥିଲା । ଆଉ ବୀଥିକା ସବୁଦିନ ରାତ୍ରିରେ ନୂଆ ନୂଆ ସ୍ୱପ୍ନରେ ମସ୍‌ଗୁଲ ହେଉଥିଲା ।

ବର ଆସି ପହଞ୍ଚି ସାରିଥିଲା ନିର୍ଦ୍ଦିଷ୍ଟ ହୋଟେଲରେ । ସାମାନ୍ୟ ଫୋନ୍ କଲଟିଏ ବୀଥିକା ଜୀବନର ସବୁ ସ୍ୱପ୍ନକୁ ଚୁରମାର୍ କରିଦେଇଥିଲା । "ବର ଏଡସ୍‌ରେ ଆକ୍ରାନ୍ତ" ଏତିକି କଥା । ଶେଷ ମୁହୂର୍ତ୍ତରେ ଅନୁସନ୍ଧାନ କରିବାକୁ ସମୟ ନଥିଲା । ମାଙ୍କ ବିକଳ କ୍ରନ୍ଦନ ସହିତ ବୀଥିକାର କ୍ରନ୍ଦନ ମିଶି ପରିବେଶକୁ ଗମ୍ଭୀର ଓ ଦୁଃଖଦ କରିଦେଇଥିଲା । ସାହି, ପଡିଶା ଓ ପରିବାର ସମସ୍ତଙ୍କ ଆଖିରେ ଲୁହର ବନ୍ୟା । କଣ କରିବେ ନକରିବେ ଭାବୁ ଭାବୁ ବର ଆସି ପହଞ୍ଚିଯାଇଥିଲା ଅଧାବାଟରେ । ଆଉ କନ୍ୟାଘରର କାନ୍ଦ ଶୁଣି ଫେରିଯାଇଥିଲା ଶିଶୁପାଳ ହୋଇ । ବନ୍ଦ ହୋଇ ଯାଇଥିଲା ବାଜା, ରୋସଣୀ କୋଳାହଳ । ଛିନ୍ ଛତ୍ର ହୋଇ ଯାଇଥିଲା କୁସୁମ ଭରା ବିବାହ ମଣ୍ଡପ । ସମସ୍ତଙ୍କ ଆଗରେ କାହିଁକିର ପ୍ରଶ୍ନବାଚୀ । ଅବିଶ୍ୱାସରେ ମ୍ରିୟମାଣ ହୋଇ ବୀଥିକା ବିବାହ ନ କରିବାକୁ ଘୋଷଣା କାରିଥିଲା । ବରର ମୁହଁଟା ସେତେବେଳେ ବୀଥିକା ଦେଖିନଥିଲା । ତାକୁ ଲାଗୁଥିଲା ସେଦିନର ବର ମୁହଁରେ ଥିବା ଥମଥମ କଳା ବାଦଲଟା ଆଜି ତା ପାଖକୁ ସଂକ୍ରମଣ ହୋଇ ଫେରିଆସିଛି । ଅସ୍ଥିର ମନ ନେଇ ସେ ପାଖ ଚେୟାରଟିକୁ ଚାହିଁଲା । ସେତେବେଳେ ଭଦ୍ର ମହିଳାଙ୍କ କୋଳରେ ଶିଶୁଟି ଧୀର ଶାନ୍ତ ହୋଇ ବସିଥିଲା । ଆଉ ତାମାଙ୍କ ମନରେ ଭରି ରହିଥିଲା ଅପୂର୍ବ ପ୍ରଶାନ୍ତି । ଗଭୀର ଦୀର୍ଘଶ୍ୱାସଟିଏ ତା ଅନ୍ତରାତ୍ମା ଦେଇ ବାହାରକୁ ବାହାରି ଅସିଲା । ସେ ସ୍ଥିର ହୋଇ ବସିପାରୁ ନଥିଲା କି ବକ୍ତା ମାନଙ୍କର ଭାଷଣ ଶୁଣିପାରୁ ନଥିଲା । ମାଇକ୍ ରୁ ତାର ନାମ ଶୁଣି ସେ ଭଦ୍ରାମି ଖାତିରରେ ମଣ୍ଡପ ଆଡକୁ ଟଳମଳ ପାଦରେ ଧୀରେ ଧୀରେ ଯାଉଥିଲା । ସେ ଚାହିଁ ଦେଖିଲା ସେହି ଅତଥି ହିଁ ସାଲ୍ ଓ ଫୁଲ ତୋଡା ଧରି ତାକୁ ଅପେକ୍ଷା କରିଛନ୍ତି ଅଭ୍ୟର୍ଥନା ପାଇଁ ।

ମୁଖ୍ୟ ଅତିଥି ବୀଥିକାକୁ ମାନପତ୍ର ଧରାଇ ଦେଲାବେଳେ ତାର ହାତ ଥରୁ ଥିବାର ବୋଧହୁଏ ଜାଣିପାରିଥିଲେ, ନଚେତ୍ ସେ କାହିଁକି କହିଥାନ୍ତେ ବ୍ୟସ୍ତ ନ ହେବାପାଇଁ । ଆହୁରି ମଧ୍ୟ କହୁଥିଲେ ମନୁଷ୍ୟ ହିଁ ସମୟର କ୍ରୀଡାନକ । ସମସ୍ତଙ୍କ ଜୀବନର ଡୋରି ସମୟ ହାତରେ ହିଁ ବନ୍ଧା । ଆମେ ନିମିତ୍ତ ମାତ୍ର । ତାଙ୍କର ଲିଖିତ ବହିଗୁଡିକ ବୀଥିକା ଧରିଲାବେଳେ ଲାଜରେ ଝାଉଁଳି ପଡୁଥିଲା । ବୀଥିକା ଭାବୁଥିଲା ଏତେବଡ ଭୁଲକୁ ପଦିଏ କଥାରେ ସାରିଦେଲେ ସେ । ଅଥଚ ବୀଥିକାକୁ ଦୋଷ ଦେଇନଥିଲେ । ପଛ ଘଟଣାର ଅନେକ କଥା ତାଙ୍କଠାରୁ ଶୁଣିବାକୁ ଇଚ୍ଛା ହେଉଥିଲେବି ତାହା ଆଉ ସମ୍ଭବ ନଥିଲା ବୀଥିକା ପାଇଁ । ସାରାଜୀବନ ତାକୁ ଗ୍ଲାନିରେ ହିଁ କାଟିବାକୁ ପଡିବ । ତାଙ୍କ ସହ ବାହାଘର ଭାଙ୍ଗିଯାଇଥିବା ଯୋଗୁଁ ନୁହେଁ । ନିର୍ଦ୍ଦୋଷକୁ ଦୋଷୀ ସାବ୍ୟସ୍ତ କରି ଶୂଳିରେ ଚଢ଼ାଇଥିବା ପାପ ଗ୍ଲାନି ବୀଥିକା ପାଇଁ ସବୁ ରାସ୍ତାତ ବନ୍ଦ । ହଜାଇଥିବା ତା ଜୀବନ ରାସ୍ତାରେ ଏବେ କେବଳ ଯନ୍ତ୍ରଣା ରୂପକ କୁହୁଡିର ଘନ ଆସ୍ତରଣ ।

ଶ୍ରୀମତୀ ବାସନ୍ତୀଲତା ମହାପାତ୍ର
କାର୍ଯ୍ୟକାରୀ ସଭ୍ୟା
ମୟୂରଭଞ୍ଜ ସାହିତ୍ୟ ପରିଷଦ
ବାରିପଦା ।

## ବରଦାନ

ପଦ୍ମଚରଣ ମଲ୍ଲୀକ

ସବିନୟ ପ୍ରଣମିଲି
ମାଗିଲି ମୁଁ ଆକାଶକୁ,
ପବନକୁ, ଜଳକୁ, ଅଗ୍ନିକୁ
ଦେବାପାଇଁ ଦୁଃଖ ଟିକେ ମୋତେ ।୧
କେହି କେବେ ମୋ କଥାକୁ
ଶୁଣିଲେନି, ଚାହିଁଲେନି
ମୋ ଆଡକୁ ଥରୁଟିଏ,
ଚାଲିଗଲେ ନିଜ ନିଜ ବାଟେ ।୨
ଶେଷରେ ମାଟି ମାଆକୁ
ଶ୍ରଦ୍ଧାରେ ହାତ ପାତିଲି
ନିବେଦନ କଣାଇଲି
ପୂର୍ଣ୍ଣ ହେଲା ମୋ ମନ କାମନା ।୩
ଦୁଃଖ ଅନୁଭବ ନେଇ
ବୁଝିଲି ଅନ୍ୟର ଦୁଃଖ
ଯାହାଥିଲା ମୋ ପ୍ରାଣର
ଭାବଦଗ୍ଧ ଅନ୍ତିମ ବାସନା ।୪

କୈବଲ୍ୟ ମାଗୁଣି ତୀର୍ଥ
ଦଇତାରିପୁର
ଆଳି, କେନ୍ଦ୍ରାପଡା,
(ଓଡ଼ିଶା)
ଦୁରଭାସ-୯୪୩୭୪୬୨୧୧୭

## ରକ୍ତ ଦାନ

ସେଇ ଲୋକ ମହୀୟାନ,
ଯେ କରିଥାଏ ରକ୍ତ ଦାନ ।
ଖାଦ୍ୟ ସୃଷ୍ଟି କରିଥାଏ ଶରୀରରେ ରକ୍ତର କଣିକା,
ରକ୍ତ ବିନା ଏ ଶରୀର ବଞ୍ଚି ରହି ପାରେନା
ରକତ ହିଁ ମଣିଷର ପ୍ରାଣ ଜୀବନ ନାଟିକା,
ଯେତେବେଳେ ବସିଥାଏ, ମାଟିର ଚୁଲିରେ,
ଭାତ, ଡାଲି, ତାରକାରୀର ଆଟିକା ।
ତିଆରି କରେ ରକ୍ତ ଶରୀରରେ ଭଗବାନ
ପ୍ରବେଶ କରନ୍ତି ରକ୍ତ ଦେଇ
ଟୋପାଏ ରକ୍ତ ପାଇଁ କେତେ ମେହେନତି
ଜାଣିପାରେ ନାହିଁ ଏ ମଣିଷ,
କେତେ ବେଗି ବିତିଯାଏ ଦିନ ଆଉ ରାତି
ବୈଜ୍ଞାନିକ ମାନେ ସବୁସୃଷ୍ଟି କରି ପାରୁଛନ୍ତି ଏଯୁଗରେ
ଏକ ମାତ୍ର ରକ୍ତ ସୃଷ୍ଟି କରିବାର କ୍ଷମତା ନାହିଁ ତାଙ୍କ ହାତରେ,
